ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक
Vol.26 . No.304 Bhubaneswar Saturday January 20 2024 | ୨୬ତମ ବର୍ଷ ସଂଖ୍ୟା-୩୦୪ ଭୁବନେଶ୍ୱର, ଶନିବାର, ଜାନୁଆରୀ ୨୦, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# ଫେବ୍ରୁଆରୀ ୫ରୁ ବିଧାନସଭା ଆରମ୍ଭ, ଆଗତ ହେବ କାମଚଳା ବଜେଟ

ଭୁବନେଶ୍ୱର,୧୯।୧(ପି.ଏନ): ଫେବ୍ରୁଆରୀ ୫ରୁ ବିଧାନସଭା ଅଧିବେଶନ ଆରମ୍ଭ ହେବ। ଏହା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଆସନ୍ତା ୮ ତାରିଖରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଲେଖାନୁଦାନ( କାମଚଳା ବଜେଟ) ଉପସ୍ଥାପନ ହେବାର କାର୍ଯ୍ୟକ୍ରମ ରହିଛି।



## କରଜ ସୁଝି ନ ପାରିବାରୁ ଜୀବନ ହାରିଲେ ଚାଷୀ !

ଭୁବନେଶ୍ୱର,୧୯।୧(ପି.ଏନ): ଋଣ ସୁଝି ନପାରିବାରୁ ଜଣେ ଚାଷୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଚାଷୀଙ୍କ ନାଁ କେଶବ ମଳିକ। ତାଙ୍କ ଘର ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଖୁରୁସିଆ ଗାଁରେ। ଘରେ କେହି ନଥିବା ସମୟରେ ଆଜି ପାଇଖାନା ଭିତରେ ବେକରେ ରଶି ଲଗାଇ କେଶବ ମଳିକ ଝୁଲିପଡିଥିଲେ ବୋଲି ଅଭିଯୋଗ ହୋଇଛି। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ଡାକ୍ତରଖାନା ଆଣିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ମନଇଚ୍ଛା ଆଣ୍ଟିବାୟୋଟିକ୍ ଲେଖିପାରିବେନି ଡାକ୍ତର, ପ୍ରେସକ୍ରିପ୍ସନରେ ଉଲ୍ଲେଖ କରିବେ କାରଣ

ଭୁବନେଶ୍ୱର,୧୯।୧(ପି.ଏନ): ଏଣିକି ଡାକ୍ତରମାନେ ଔଷଧ ଲେଖିବା ବେଳେ ଆଣ୍ଟିବାୟୋଟିକ୍ସ ଦେଲେ, ତା'ର କାରଣ ଦର୍ଶାଇବେ। କେଉଁ କାରଣ ପାଇଁ ସେମାନେ ଆଣ୍ଟିବାୟୋଟିକ୍ସ ଲେଖୁଛନ୍ତି, ତାହା ପ୍ରେସକ୍ରିପ୍ ?ସନରେ ଉଲ୍ଲେଖ କରିବେ। ଏନେଇ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ନିର୍ଦ୍ଦେଶ ଆସିବା ପରେ ସମସ୍ତ ମେଡିକାଲ କଲେଜକୁ ଚିଠି ଲେଖିଛି ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶାଳୟ (DGHS)।ରୋଗର ଲକ୍ଷଣ, କାରଣ ସହିତ ଆଣ୍ଟିବାୟୋଟିକ୍ସ ପ୍ରୟୋଗର ଆବଶ୍ୟକତା କାହିଁକି ରହିଛି, ତାହା ଲେଖିବେ ଡାକ୍ତର।



ଅନେକ ସମୟରେ ଡାକ୍ତରମାନେ ମନଇଚ୍ଛା ଆଣ୍ଟିବାୟୋଟିକ୍ସ ଲେଖୁଥିବା ଅଭିଯୋଗ ହୁଏ। ତେଣୁ ବିନା କାରଣରେ ଆଣ୍ଟିବାୟୋଟିକ୍ସ ବ୍ୟବହାର ଉପରେ ରୋକ୍ ଲଗାଇବାକୁ ଏଭଳି ନିର୍ଦ୍ଦେଶନାମା ଜାରି କରାଯାଇଛି।

## ୫୦ ହଜାର ଲାଞ୍ଚ ନେଇ ଧରା ହେଲେ କେରଙ୍ଗ କଲେଜ ଅଧକ୍ଷା

ଭୁବନେଶ୍ୱର,୧୯।୧(ପି.ଏନ): ଭିଜିଲାନ୍ସ ଜାଲରେ କେରଙ୍ଗ କଲେଜ ଅଧକ୍ଷା ବିଦ୍ୟୁତପ୍ରଭା ଜେନା। ଏରିଅର୍ ଟଙ୍କା ପାଇଁ ଲାଇବ୍ରେରିଆନ୍‌ଙ୍କଠୁ ୫୦ ହଜାର ଲାଞ୍ଚ ନେଉଥିବା ବେଳେ ମାଡି ବସିଲା ଖୋର୍ଦ୍ଧା ଭିଜିଲାନ୍ସ ଟିମ୍ ।ଆଜି ଅପରାହ୍ନରେ ଗୁରୁଜଙ୍ଗ ସ୍ଥିତ ବାସଭବନରେ ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଧରିଛି । ଅଧକ୍ଷାଙ୍କ ବାସ ଭବନ ସହ ୨ଟି ସ୍ଥାନରେ ଚଢ଼ାଉ ଚାଲିଛି।

# ଶିକ୍ଷକ ନିଯୁକ୍ତି ଅନିୟମିତତା ଅଭିଯୋଗରେ ସ୍ପଷ୍ଟିକରଣ ରଖିଲେ ଓସେପା ନିର୍ଦ୍ଦେଶକ

ଭୁବନେଶ୍ୱର,୧୯।୧(ପି.ଏନ): ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକାରଣର ଶିକ୍ଷକ ନିଯୁକ୍ତି ପରୀକ୍ଷାରେ ପ୍ରାର୍ଥିମାନଙ୍କ ଆଡମିଟ କାର୍ଡକୁ ନେଇ ଏବେ ଚର୍ଚ୍ଚା ହେଉଛି । କାରଣ ଏହି ପରୀକ୍ଷାରେ ଭାଗ ନେଇଥିବା ଜଣେ ପ୍ରାର୍ଥିଙ୍କର ନାମ ହେଉଛି ମାହାଲ ମାଣ୍ଡା । ସେହିପରି ବାପାଙ୍କ ନାମ ସ୍ଥାନରେ ରହିଛି 'ମାହାଲ ମାଣ୍ଡା ପ୍ରୋ' । ଆଡମିଟ କାର୍ଡରେ ଏଭଳି ଭାବରେ ଲେଖା ଯାଇଥିବା ଦେଖିବାକୁ ମିଳିଥିଲା।ଏହି ଶ୍ରୀ ଗୁରୁ ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ଇନଷ୍ଟିଚ୍ୟୁଟରେ ପ୍ରାର୍ଥିମାନେ ଏହି ପରୀକ୍ଷା ଦେଇଥିବା ବେଳେ ଏଭଳି ଘଟଣା ଦେଖିବାକୁ ମିଳିଥିଲା । ତେବେ ଏହି ଶିକ୍ଷକ ନିଯୁକ୍ତି ଅନିୟମିତତା ଅଭିଯୋଗରେ ମନ୍ତବ୍ୟ ଦେଇଛନ୍ତି ଓସେପା ନିର୍ଦ୍ଦେଶକ ଅନୁପମ ଶାହା । ଅଟୋଜେନେରେଟେଡ ଆଡମିଟ କାର୍ଡ ପାଇଁ ଏଭଳି ନାଁ ଆସିଥିବା କହିଲେ' ।ପ୍ରାର୍ଥୀମାନେ କଂପ୍ୟୁଟର ଜରିଆରେ ନିଜେ ଆଡମିଟ୍ ? କାର୍ଡ କାଢ଼ିଥିଲେ' । 'ପରୀକ୍ଷା କେନ୍ଦ୍ରକୁ ଆଡମିଟ କାର୍ଡ ସହ ୨ଟି ପରିଚୟ ପତ୍ର ଆଣିବା ଜରୁରୀ ଥିଲା' । 'କିଛି ଅନାମଧେୟ ବ୍ୟକ୍ତି ମାହଲମାଣ୍ଡା ଭଳି ନାଁରେ କାର୍ଡ ବାହାର କରିଛନ୍ତି' ତେଣୁ ଚୟନରେ କୌଣସି ଅନିୟମିତତା ହୋଇନି କହିଲେ ନିର୍ଦ୍ଦେଶକ ଅନୁପମ ଶାହା ।

## ଅନାଥ ଆଶ୍ରମରେ ଦିଆଯାଉଛି ଅସହ୍ୟ ଯନ୍ତ୍ରଣା; ଓଲଟାଇ ଟାଙ୍ଗିଦେବା ସହ ଲଙ୍କା ଧୂଆଁ ଦେଉଛନ୍ତି

ନୂଆଦିଲ୍ଲୀ,୧୯।୧(ପି.ଏନ): ମଧ୍ୟପ୍ରଦେଶ ଇନ୍‌ଦୋରର ଏକ ଅନାଥ ଆଶ୍ରମରେ ପିଲାମାନଙ୍କୁ ଦିଆଯାଉଛି ଅକଥନୀୟ ଯନ୍ତ୍ରଣା। ଶିଶୁ କଲ୍ୟାଣ କମିଟି (ଉଡଉ) ଗତ ସପ୍ତାହରେ ଅଚାନକ ଅନାଥ ଆଶ୍ରମ ପରିଦର୍ଶନ କରି ସାମ୍ନାକୁ ଆଣିଛି ଭିତିରି କଥା। ପିଲାମାନେ କିପରି ନିର୍ଯାତନାର ଶିକାର ହେଉଛନ୍ତି, ତାର ବାସ୍ତବ ଚିତ୍ର ଜଣାପଡିଛି। ୨୧ ଜଣ ଛୋଟ ଛୋଟ ପିଲା ଥିବା ଏହି ଅନାଥ ଆଶ୍ରମରେ ପିଲାମାନଙ୍କୁ ଅତି ସାମାନ୍ୟ କଥାରେ ଅସହ୍ୟ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ପିଲାମାନେ ଶିଶୁ କଲ୍ୟାଣ କମିଟି ନିକଟରେ କରିଥିବା ଅଭିଯୋଗ ଅନୁସାରେ, ସାମାନ୍ୟ ଭୁଲ୍ ହେଲେ ସେମାନଙ୍କୁ ଓଲଟାଇ ଟାଙ୍ଗି ଦିଆଯାଉଛି। ଏଥିସହ ଲୁହାକୁ ତତାଇ ସେଥିରେ ଦାଗ ଦେବା ସହ ଏହାର ଫଟୋଗ୍ରାଫ୍ ମଧ୍ୟ କରୁଛନ୍ତି ।ଲଙ୍କାକୁ ନିଆଁରେ ପୋଡି ସେଥିରୁ ବାହାରୁ ଥିବା ଧୂଆଁ ନେବାକୁ ମଧ୍ୟ କୁହାଯାଉଥିବା ଅଭିଯୋଗ ହୋଇଛି।

# ପୁରୀ ବଡଦାଣ୍ଡରେ ଉଠାଦୋକାନୀଙ୍କୁ ଥଇଥାନ ନେଇ ବିଜେପିର ଧାରଣା



ପୁରୀ,୧୯।୧(ପି.ଏନ): ପୁରୀ ବଡଦାଣ୍ଡରୁ ହଟିଛନ୍ତି ରାସ୍ତା କଡରେ ବେପାର କରି ଗୁଜୁରାଣ ମେଣ୍ଟାଇ ପରିବାର ପ୍ରତିପୋଷଣ କରୁଥିବା ସମସ୍ତ । ଏନେଇ ପ୍ରାଥମିକ ଭାବରେ ମରଚିକୋଟ ଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ସମସ୍ତ ଉଠାଦୋକାନୀ ମାନଙ୍କୁ ଉଠାଯାଇଥିଲା । ପରେ ମରଚିକୋଟ ଛକ ଠାରୁ ମାର୍କେଟଛକ ଓ ପରେ ମାର୍କେଟଛକ ଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ସମସ୍ତ ଉଠାଦୋକାନୀ ମାନଙ୍କୁ ଉଠାଇ ଦିଆଯାଇଛି ।


# ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



## ୰ଯୁଗଳ କିଶୋର ପଟ୍ଟନାୟକ

ସଇଁତଳା, ବଲାଙ୍ଗିର

ତିରୋଧାନ:୧୦.୦୧.୨୦୨୪

ଆଜି ଏକାଦଶାହରେ ଆମେ ସମସ୍ତେ ଆପଣଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଈଶ୍ୱରଙ୍କୁ ଆନ୍ତରିକ ପ୍ରାର୍ଥନା କରୁଛୁ ଆପଣଙ୍କ ଆତ୍ମା ପରମ ଶାନ୍ତି ଓ ସଦ୍‌ଗତି ଲାଭ କରୁ ।

ଶ୍ରୀ ଶରତ ପଟ୍ଟନାୟକ, ଭରତ ପଟ୍ଟନାୟକ, ରଜତ ପଟ୍ଟନାୟକ,
ବନ୍ଧୁ ,ପରିବାର ବର୍ଗ ଓ ଆତ୍ମୀୟସ୍ୱଜନ।


# ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ୨୧ସଂଯୋଜକଙ୍କୁ ନିଯୁକ୍ତି ଦେଲା କଂଗ୍ରେସ

ଭୁବନେଶ୍ୱର,୧୯।୧(ପି.ଏନ): ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଲୋକସଭା ଆସନ ପାଇଁ ୨୧ଜଣ ଦଳୀୟ ନେତାଙ୍କୁ ସଂଯୋଜକ ଭାବେ ନିଯୁକ୍ତି ଦେଇଛି କଂଗ୍ରେସ । ନିଯୁକ୍ତି ଦେଲେ ପିସିସି ସଭାପତି ଶରତ ପଟ୍ଟନାୟକ ଓ ଓଡିଶା ପ୍ରଭାରୀ । ବରଗଡ-ଆଶୁତୋଷ ସ୍ୱାଇଁ , ସୁନ୍ଦରଗଡ- ଅନନ୍ତ ଶୟନ ପା ?ୀ, ସମ୍ବଲପୁର- ପ୍ରେମଶଙ୍କର ମିଶ୍ର , କେନ୍ଦୁଝର-ବିଷ୍ଣୁ ବାରିକ, ମୟୂରଭଞ୍ଜ-ମନୋରଞ୍ଜନ ରାଉତ , ବାଲେଶ୍ୱର-ଜାନକୀବଲ୍ଲଭ ପଟ୍ଟନାୟକ, ଭଦ୍ରକ-ଜିଆ ଉଲ୍ ହକ୍ , ଯାଜପୁର-ଜିନେଶ ଦାସ, ଢେଙ୍କାନାଳ-ବାଙ୍କନିଧି ବେହେରା, ବଲାଙ୍ଗୀର-ଦିଲ୍ଲୀପ ନନ୍ଦ ,



କଳାହାଣ୍ଡି -ଦ୍ୱାରିକା ମହାପାତ୍ର , ନବରଙ୍ଗପୁର- ରବୀନ୍ଦ୍ର ମହାପାତ୍ର , କନ୍ଧମାଳ- ରାଜୀବ ପଟ୍ଟନାୟକ , କଟକ-ସୁବ୍ରତ ମହାପାତ୍ର ,କେନ୍ଦ୍ରପଡା- ଶଶିକାନ୍ତ ଲେଙ୍କା , ଜଗତସିଂହପୁର-ସୁଦୀପ୍ତ କର,ପୁରୀ-ବିପ୍ଲବ ଚୌଧୁରୀ , ଭୁବନେଶ୍ୱର-ହଳଧର ସେଠୀ , ଆସ୍କା- ଘନ ଶବର,ବ୍ରହ୍ମପୁର-ଶୁଭେନ୍ଦୁ ମହାନ୍ତି ଓ କୋରାପୁଟ ସଂସଦୀୟ କ୍ଷେତ୍ର ସଂଯୋଜକ ଭାବେ ପୀତବାସ ପଣ୍ଡା ବୋଲି ଜଣାପଡିଛି ।

# ଦ୍ୱିତୀୟ ଦିନ ବୈଠକରେ ଯୁବ କଂଗ୍ରେସ ବିଧାନସଭା ନିର୍ବାଚନ ମଣ୍ଡଳୀ ସଭାପତିମାନଙ୍କର ବୈଠକ

ଭୁବନେଶ୍ୱର,୧୯।୧(ପି.ଏନ): ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ନବନିଯୁକ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତିମାନଙ୍କର ବୈଠକ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ରଣଜିତ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାରତୀୟ ଯୁବ କଂଗ୍ରେସର ସାଧାରଣ ସଂପାଦକ ତଥା ଓଡ଼ିଶା ପ୍ରଭାରୀ ଶ୍ରୀ ମିଳିନ୍ଦ ଗୌତମ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ଯେ ବିଧାନସଭା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସର ସଭାପତିମାନେ ନିଜ ନିଜ ବିଧାନସଭା ନିର୍ବାଚନ ମଣ୍ଡଳୀର ବୁଥରେ ଯୁବ କଂଗ୍ରେସର କର୍ମୀମାନଙ୍କୁ ସଂଗଠିତ କରି ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତ ରୁହନ୍ତୁ। ମୋଦୀ ଓ ନବୀନ ସରକାରର ଅପାରଗତା, ଦୁର୍ନୀତି,



କୁଶାସନ ଓ ଜନବିରୋଧି ନୀତି ସମ୍ପର୍କରେ ବୁଥ ସ୍ତରରେ ସଚେତନତା କାର୍ଯ୍ୟକ୍ରମ କରନ୍ତୁ। ଯଦି ଯୁବ କଂଗ୍ରେସର କର୍ମକର୍ତାମାନେ ବୁଥ ସ୍ତରରେ ମୋଦୀ ଓ ନବୀନ ସରକାର ବିରୁଦ୍ଧରେ କ୍ରାନ୍ତି ଆଣିପାରିବେ ତେବେ ଆଜିର ପରିସ୍ଥିତିର ପରିବର୍ତନ ସୁନିଶ୍ଚିତ। ବୁଥସ୍ତରରେ ଥିବା ବେକାର ଯୁବକ ଯୁବତୀଙ୍କୁ ଜାଗ୍ରତ କରାନ୍ତୁ। ବିଧାନସଭା ଯୁବ କଂଗ୍ରେସ ପଂଚାୟତ, ବ୍ଲକ, ତହସିଲ, ଥାନା ଆଦି ସରକାରୀ ଅନୁଷ୍ଠାନରେ ହେଉଥିବା ଦୁର୍ନୀତିର ପର୍ଦାଫାଶ କରନ୍ତୁ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଭାରତୀୟ ଯୁବ କଂଗ୍ରେସର ସମ୍ପାଦକ ତଥା ଓଡ଼ିଶା ସହ ପ୍ରଭାରୀ ଶ୍ରୀ ଅଭିନବ ଭଗତ କହିଥିଲେ ଯେ ଓଡ଼ିଶାର ଯୁବ ସମାଜ ମୋଦୀ ଓ ନବୀନ ସରକାର ଦ୍ୱାରା ପ୍ରତାରିତ ହୋଇଛନ୍ତି। ପରିବର୍ତନ ପାଇଁ ସଂଗ୍ରାମରେ ସେମାନେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ। ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ରଣଜିତ ପାତ୍ର କହିଥିଲେ ଯେ ମାଲକାନଗିରିରୁ ମୟୂରଭଞ୍ଜ ପର୍ଯ୍ୟନ୍ତ ବିଧାନସଭାରୁ ବୁଥ ଯାଏ ଯୁବ କର୍ମୀଙ୍କୁ ସଂଗଠିତ କରାଯିବ। ଉପେକ୍ଷିତ, ଅତ୍ୟାଚାରିତ, ପ୍ରତାରିତ ଓ ନିଷ୍ପେଷିତ ଯୁବକ ଯୁବତୀମାନେ ଯୁବ କଂଗ୍ରେସର ଲଢ଼େଇରେ ସାମିଲ ହୁଅନ୍ତୁ। ପ୍ରତି ପଂଚାୟତରେ ଯୁବ କଂଗ୍ରେସ କର୍ମୀମାନେ ମୋଦୀ ଓ ନବୀନ ବିରୋଧି କାର୍ଯ୍ୟକ୍ରମ କରିବେ। ସେଥିରେ ଓଡ଼ିଶାର ଯୁବ ସମାଜ ସାମିଲ ହେବାକୁ ସେ ନିବେଦନ କରିଥିଲେ। ଆଗାମୀ ନିର୍ବାଚନର ଲଢ଼େଇ ମୈଦାନରେ ଦଳକୁ ବିଜୟୀ କରିବାପାଇଁ ବିଧାନସଭା ଯୁବ କଂଗ୍ରେସ ସଭାପତିମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଶ୍ରୀ ପାତ୍ର କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ରମେଶ ଜେନା, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ, ଅଭିଳାଷ ମାଣିଆ, ସିର୍ଦ୍ଧାଥ ରାଉତରାୟ, ଆଲୋକ ଲେଙ୍କା, ଗୋପନ ମାର୍ଥା, ସ୍ୱାଗତ କର, ଅଭିଜିତ ଜେନା, ନିହାର ବେହେରା, ସୁଦୀପ ସାମଲ, ଜାଭେଦ ଅକତାର, ବଳରାମ ନନ୍ଦ, ସୁରଜ ରାଉତ, ବିଂରଚି ବାରିକ, ଅମରେଶ ପରିଡ଼ା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଇଡିରେ ହାଜର ହେବାକୁ ଲାଲୁ ଓ ତେଜସ୍ୱୀଙ୍କୁ ସମନ

ନୂଆଦିଲ୍ଲୀ,୧୯।୧(ପି.ଏନ): ଜମି ବଦଳରେ ରେଳବାଇରେ ଚାକିରି ଦୁର୍ନୀତି ସହିତ ଜଡିତ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରାଷ୍ଟ୍ରୀୟ ଜନତା ଦଳ (RJD) ନେତା ଲାଲୁ ପ୍ରସାଦ ଯାଦବ ଓ ତାଙ୍କ ପୁଅ ତଥା ବିହାରର ଉପ-ମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କୁ ପୁଣି ଥରେ ନୋଟିସ୍ ପଠାଇଛନ୍ତି ।ଇଡିର ପାଟନା ସ୍ଥିତ ଅଫିସ୍ ?ରେ ହାଜର ହେବା ପାଇଁ ଲାଲୁ ଓ ତେଜସ୍ୱୀଙ୍କୁ କୁହାଯାଇଛି। ଲାଲୁଙ୍କୁ ଜାନୁଆରୀ ୨୯ ତାରିଖରେ ହାଜର ହେବାକୁ କୁହାଯାଇଥିବା ବେଳେ ତେଜସ୍ୱୀଙ୍କୁ ଜାନୁଆରୀ ୩୦ ତାରିଖରେ ହାଜର ହେବା ପାଇଁ କୁହାଯାଇଛି। ଇଡିର ଏକ



ଟିମ୍ ? ଲାଲୁ ପ୍ରସାଦ ଯାଦବଙ୍କ ପତ୍ନୀ ତଥା ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରୀ ଦେବୀଙ୍କ ପାଟନା ସ୍ଥିତ ଘରେ ପହଞ୍ଚି ସମନଗୁଡିକୁ ଦେଇଥିଲେ ।ଏହି ମାମଲାରେ ପୂର୍ବରୁ ମଧ୍ୟ ଇଡି ଉଭୟ ଲାଲୁ ଓ ତେଜସ୍ୱୀଙ୍କୁ ସମନ ଜାରି କରିଥିଲେ। କିନ୍ତୁ ସେମାନେ ହାଜର ହୋଇ ନଥିଲେ।








# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।

କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧିପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

## ପୁରାଣ କାହାଣୀ

## ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

## ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

## ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟବନ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ





ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷିୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

## ଆଜିର ଭାଗ୍ୟ



**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।



**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।



**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।



**କର୍କଟ** — ବନ୍ଧୁଙକ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।



**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।



**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।



**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।



**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।



**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।



**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।



**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।



**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକି ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

## କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାଚ୍ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।




# ସ୍ୱାଧୀନତା ସଂଗ୍ରାମର ପିତାମହ-ତିଳକ



ଇଂରେଜ ଶାସନର ରଥଚକ ତଳେ ଭାରତୀୟ ଅର୍ଥନୀତି, ରାଜନୀତି ଓ ସାଂସ୍କୃତିକ ଜୀବନ ଦୟନୀୟ ଅବସ୍ଥାରେ ଥିଲାବେଳେ, କାଳଜୟୀ, ଯଶସ୍ୱୀ, ପ୍ରଜ୍ଞାପୁରୁଷ, ନିର୍ଭିକ ସାମ୍ବାଦିକ, ପ୍ରବୀଣ ରାଜନୀତିଜ୍ଞ, ସତ୍ୟନିଷ୍ଠ ଦେଶପ୍ରେମୀ, ପରମ ପୂଜ୍ୟ, ଦୀନ ଦୁର୍ବଳର ବନ୍ଧୁ ଭାରତୀୟ ସଂସ୍କୃତିର ପୁରୋଧା ଓ ସ୍ୱାଧୀନତାର ପଥପ୍ରଦର୍ଶକ କେଶବ (ବାଲ୍) ଗଙ୍ଗାଧର ତିଳକ ପୁଣ୍ୟାତ୍ମା ଗଙ୍ଗାଧର ତିଳକ (ପନ୍ଥ) ଓ ପାର୍ବତୀ ବାଈଙ୍କ କୋଳମଣ୍ଡନ କରି ୧୮୫୬ ମସିହା ଜୁଲାଇ ୨୩ ତାରିଖରେ ମହାରାଷ୍ଟ୍ରର ରତ୍ନଗିରି ସହରରେ ଚିତପାବନ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପ୍ରଥମେ କେଶବ ନାମ ଥିଲା। ପରେ ବାଲ୍ ଡାକ ନାମରେ ତିଳକ ପରିଚିତ ହେଲେ। ପିତାମହ ରାମଚନ୍ଦ୍ରଙ୍କଠାରୁ ବାଲ୍ ଗଙ୍ଗାଧର ୧୮୫୭ର ମହାନ୍ ବିପ୍ଳବ ବିଷୟରେ ଶୁଣିଥିଲେ। ଏହି ଘଟଣା ତାଙ୍କ ଉପରେ ପ୍ରଭାବ ପକାଇଥିଲା। ପିତାମହ ସଂସାର ପରିତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରିବାରୁ ଗଙ୍ଗାଧରଙ୍କ ଉତରୋତର ଶିକ୍ଷା ସମ୍ଭବ ହେଲାନାହିଁ। ତେଣୁ ସେ ମରାଠୀ ବିଦ୍ୟାଳୟରେ ଶିକ୍ଷକତା କରିବା ସମୟରେ ସଂସ୍କୃତ ଶାସ୍ତ୍ର ଅଧ୍ୟୟନ କରି ପାରଦର୍ଶିତା ଲାଭ କଲେ। ଚିପଲୁଙ୍କର ନିବନ୍ଧମାଳାକୁ ତିଳକ ପୂର୍ଣ୍ଣସମର୍ଥନ କରିବାରୁ ଜାତୀୟତା ମନୋଭାବ ବିକଶିତ ହେଲା। ୧୮୭୬-୭୭ରେ ଦାକ୍ଷିଣାତ୍ୟ ଅଂଚଳର ଘୋର ଦୁର୍ଭିକ୍ଷ ବାଳ ଗଙ୍ଗାଧରଙ୍କୁ ପ୍ରଭାବିତ କରିଥିଲା। ମାତୃଭୂମିର ସ୍ୱାଭିମାନ କେବଳ ଶିକ୍ଷା ମାଧ୍ୟମରେ ସୁରକ୍ଷିତ ହୋଇପାରିବାର ଅନୁଭବ ତିଳକ ହିଁ କରିପାରିଥିଲେ। ତେଣୁ ସେ ସାର୍ବଜନୀନ କାକା ଶ୍ରୀ ଗଣେଶ ବାସୁଦେବ ଯୋଷୀଙ୍କ ଦ୍ୱାରା ବିଶେଷ ପ୍ରଭାବିତ ହୋଇଥିଲେ। ଗୋପାଳ ଅଗରକର ଓ ତିଳକ ଦୁଇ ବନ୍ଧୁ ଦେଶବାସୀଙ୍କ ହିତ ପାଇଁ ଜୀବନ ଉତ୍ସର୍ଗ କରିବାକୁ ସଂକଳ୍ପବଦ୍ଧ ଥିଲେ। ତେଣୁ ଦୁଇ ବନ୍ଧୁ ଧାର୍ମିକ, ସାମାଜିକ ଓ ରାଜନୈତିକ ସଂଗଠନଗୁଡ଼ିକରେ ସକ୍ରିୟ ସଂପର୍କ ରକ୍ଷାକରିଥିଲେ। ଅଗରକର ଡେକାନ୍ କଲେଜରୁ ଏମ୍.ଏ. ଓ ତିଳକ ବମ୍ବେ ବିଶ୍ୱବିଦ୍ୟାଳୟରୁ ଆଇନ୍ ଡିଗ୍ରୀ ହାସଲ କରି ଦେଶସେବା ପାଇଁ ନିଜକୁ ସଂପୂର୍ଣ୍ଣ ପ୍ରସ୍ତୁତ କରିପାରିଥିଲେ। ଚିପଲୁ, ଅଗରକର ଓ ତିଳକ ଚିନ୍ତା କଲେ ଶିକ୍ଷା ବିନା ଭାରତରେ ଜନବିପ୍ଳବ ସମ୍ଭବ ନୁହେଁ। ତେଣୁ ସେମାନେ ୧୮୮୦ ସାଲ ଜାନୁୟାରୀ ୧ ତାରିଖରେ ନିଉ ଇଂଲିଶ ସ୍କୁଲ୍ ନାମକ ଶିକ୍ଷାନୁଷ୍ଠାନ ସ୍ଥାପନ କଲେ। ବିଦ୍ୟାଳୟ ପରିଦର୍ଶନରେ ହଂଟର ସାହେବ ଯେଉଁ ମନ୍ତବ୍ୟ ଦେଲେ ତାହା ଅତ୍ୟନ୍ତ ଉତ୍ସାହଜନକ ଥିଲା। ତେଣୁ ପ୍ରତିଷ୍ଠାତାମାନେ ଉଚ୍ଚଶିକ୍ଷାର ଅଧିକ ପ୍ରସାର କରିବାକୁ ଆଗଭର ହେଲେ। ଡେକାନ୍ ଶିକ୍ଷା ସମିତି ଆନୁକୂଲ୍ୟରେ ନିଉ ଇଂଲିଶ ସ୍କୁଲ୍ ଓ ଫର୍ଗୁସନ କଲେଜ ମହାରାଷ୍ଟ୍ରର ଉଚ୍ଚଶିକ୍ଷା କ୍ଷେତ୍ରରେ ବିଶେଷ ମହତ୍ୱପୂର୍ଣ୍ଣ ଥିଲା। ସମିତି ସଭ୍ୟମାନଙ୍କ ସହିତ ବିତର୍କ ଓ ମତାନ୍ତର ଯୋଗୁଁ ତିଳକ ଇସ୍ତଫା ଦେଇଥିଲେ।

ପରାଧୀନ ଭାରତୀୟ ଜନସାଧାରଣଙ୍କର ଆଭିମୁଖ୍ୟ ଓ ମତକୁ ସରକାରଙ୍କ ପାଖରେ ଉପସ୍ଥାପନ କରିବା ପାଇଁ, ତିଳକ ୧୮୮୧ ରେ ମରାଠୀ ସମ୍ବାଦ ପତ୍ର 'କେଶରୀ' ଓ ଇଂରାଜୀ ସମ୍ବାଦପତ୍ର 'ଦି ମରାଠା' ଉଭୟ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ। କେଶରୀର ସମ୍ପାଦକ ଥିଲେ ଅଗରକର ଓ ଦି ମରାଠାର ସମ୍ପାଦକ ଦାୟିତ୍ୱ ତିଳକ ସ୍ୱୟଂ ଗ୍ରହଣ କରିଥିଲେ। ଉଭୟ ପତ୍ରିକା ମରାଠାମାନଙ୍କ ଭିତରେ ଜାତୀୟ ଚେତନା ଓ ରାଜନୀତିକ ଜାଗୃତି ସୃଷ୍ଟି କରିବାରେ ସଫଳ ହୋଇଥିଲା। ତିଳକ ଜାତୀୟ ଜନଜୀବନର ସମସ୍ୟାମାନ ଉପସ୍ଥାପନ କରି ମରାଠୀ ସାହିତ୍ୟର ଉନ୍ନତି ଓ ବିକାଶରେ ମଧ୍ୟ ସହାୟକ ହୋଇଥିଲେ। ଅଗରକର ସମ୍ପାଦକ ପଦରୁ ଓହରିଯିବାରୁ ତିଳକ ଉଭୟ ପତ୍ରିକାର ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଥିଲେ।

ପାଶ୍ଚାତ୍ୟ ସଭ୍ୟତାର ଅନ୍ଧାନୁକରଣକୁ ତିଳକ ପସନ୍ଦ କରୁ ନଥିଲେ। ପ୍ରାଚୀନ ଭାରତୀୟ ସଂସ୍କୃତିକୁ ପ୍ରଚଳନ ଓ ନାରୀଶିକ୍ଷା ଉପରେ ତିଳକ ଗୁରୁତ୍ୱ ଦେଉଥିଲେ। ବିବାହ ପାଇଁ ବାଳିକାଙ୍କ ବୟସ ୧୬ ବର୍ଷ ଓ ବାଳକଙ୍କ ବୟସ ୨୧ ବର୍ଷ ଉଚିତ ମନେକରିଥିଲେ। ୪୦ ବର୍ଷ ପରେ ପୁରୁଷ ଦ୍ୱିତୀୟ ବିବାହ କରିବା ଅନୁଚିତ। ଯଦି ସେ ପୁନଃବିବାହ ଚାହାନ୍ତି, ତେବେ ସେ କୌଣସି ବିଧବାକୁ ପତ୍ନୀ ରୂପେ ଗ୍ରହଣ କରିବା ଉଚିତ ହେବ। ତିଳକ ନିଜେ ଅସ୍ପୃଶ୍ୟତାର ବିରୋଧୀ ଥିଲେ। ହିନ୍ଦୁଧର୍ମର ମହତ୍ୱକୁ ସେ ଅତି ଗର୍ବର ସହିତ ପ୍ରଚାର କରୁଥିଲେ। ସରକାରୀ ଆଇନ ଦ୍ୱାରା ସମାଜ ସଂସ୍କାର ପବର୍ତ୍ତନକୁ ତିଳକ ବିରୋଧ କରୁଥିଲେ। ସାର୍ବଜନୀନ ସଭାର ନୂତନ ସଂପାଦକ ରୂପେ ଗୋପାଳକୃଷ୍ଣ ଗୋଖଲେ ମନୋନୀତ ହେଲେ। ଏହି ନିଯୁକ୍ତିର ବୈଧତା ଉପରେ ତିଳକ ପ୍ରଶ୍ନ କରିବାରୁ ବିବାଦ ଉପୁଜିଲା । ତେଣୁ ତିଳକ ଡେକାନ ସୋସାଇଟିରୁ ଇସ୍ତଫା ଦେଲେ।

୧୮୮୫ ଡିସେମ୍ବର ୨୮ରେ ବମ୍ବେରେ ଥିବା ତେଜପାଲ ସଂସ୍କୃତ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ କଂଗ୍ରେସର ସ୍ଥାପନା ହେଲା। ବମ୍ବେ ପ୍ରଦେଶ ଶାଖାର ବାର୍ଷିକ ଅଧିବେଶନରେ ତିଳକ ଅଂଶଗ୍ରହଣ କରି ମରାଠୀଭାଷୀ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଇଂରେଜ ସରକାରଙ୍କ 'ଡିଭାଇଡ୍ ଆଣ୍ଡ ରୁଲ' ନୀତି ଯୋଗୁଁ ବମ୍ବେ ଓ ପୁନେରେ ସାଂପ୍ରଦାୟିକ ଦଙ୍ଗା ଘଟି ନିରୀହ ଜନତାର ପ୍ରାଣହାନୀ ଘଟିଲା। ତିଳକ କଠୋର ଭାବରେ ସମାଲୋଚନା କରି ଇଂରେଜମାନଙ୍କର ଚକ୍ଷୁଶୂଳ ହେଲେ। ସାର୍ ଚିରୋଲ୍ 'ଇଣ୍ଡିଆନ୍ ଅନ୍‌ରେଷ୍ଟି' ନାମକ ପୁସ୍ତକରେ ତିଳକଙ୍କୁ ସାଂପ୍ରଦାୟିକତା ଦୋଷରେ ଅଭିଯୁକ୍ତ କରିଥିଲେ। ତାହା ଥିଲା ଦୁର୍ଭାଗ୍ୟଜନକ। ତିଳକ ଗଣପତି ଉତ୍ସବ ଓ ଶିବାଜି ଉତ୍ସବ ମାଧ୍ୟମରେ ମହାରାଷ୍ଟ୍ରକୁ ଏକତ୍ରିତ କରିବାରେ ସଫଳ ହୋଇଥିଲେ।

୧୮୯୧ରେ 'ଆର୍ମସ୍ ଆକ୍ଟ' ଉପରେ ପ୍ରସ୍ତାବ ରଖି ଯେଉଁ ଭାଷଣ ଦେଲେ, ତାହା ତାଙ୍କୁ ସର୍ବଭାରତୀୟ ନେତା ରୂପେ ମାନ୍ୟତା ଦେଇଥିଲା। ୧୮୯୪ରେ ତିଳକ ବମ୍ବେ ବିଶ୍ୱବିଦ୍ୟାଳୟରେ ସିନେଟ୍‌ର ଫେଲୋ ମନୋନୀତ ହେଲେ। ତା' ପରବର୍ଷ ପୁନା ନଗରପାଳିକାର ପରିଷଦ ପଦପାଇଁ ନିର୍ବାଚିତ ହୋଇ କାର୍ଯ୍ୟକାରୀ ପରିଷଦର ସଦସ୍ୟ ହୋଇଥିଲେ। ୧୮୯୫ ମସିହାରେ ବିଧାନ ପରିଷଦର ସଦସ୍ୟ ପଦରେ ନିର୍ବାଚିତ ହେଲେ। ରାଷ୍ଟ୍ରୀୟ କଂଗ୍ରେସର ପ୍ରମୁଖ ନେତା ଥିଲେ ଆଲାନ୍ ଆକ୍ଟାଭିୟାନ୍ ହ୍ୟୁମ୍, ତାଙ୍କୁ ପୂର୍ଣ୍ଣ ସମର୍ଥନ ଦେଉଥିଲେ ତିଳକ। ହ୍ୟୁମ୍ କିନ୍ତୁ ଇଂଲଣ୍ଡରେ ବିଶ୍ୱାସଘାତକ ବୋଲି ଚିତ୍ରିତ ହେଲେ।

୧୮୯୬-୯୭ରେ ଏକ ଭୟଙ୍କର ଦୁର୍ଭିକ୍ଷ ମହାରାଷ୍ଟ୍ରରେ ଦେଖାଦେଲା। ତିଳକ ବିଭିନ୍ନ ଗ୍ରାମ ଓ ଜିଲ୍ଲାମାନ ଗସ୍ତ କରି ରିଲିଫ୍ ଓ ଆର୍ଥିକ ସାହାଯ୍ୟ ଦେବା ଆରମ୍ଭ କରିଦେଲେ। ଦୁର୍ଭିକ୍ଷ ସହିତ ପ୍ଲେଗ୍ ମହାମାରୀ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଲା। ୧୮୯୭ ମାର୍ଚ୍ଚରେ ଏକ କମିଟି ଗଠନ ହେଲା। ତାହାର ଅଧକ୍ଷ ଭାବେ ରେଣ୍ଡ ନିଯୁକ୍ତ ହେଲେ। ଏହି କମିଟି ଲୋକମାନଙ୍କର କିଛି କାମରେ ଲାଗିଲା ନାହିଁ। ତିଳକ ନିଜ ପକ୍ଷରୁ ସ୍ୱେଚ୍ଛାସେବୀ କେନ୍ଦ୍ରମାନ ସ୍ଥାପନ କରିଥିଲେ। ଏହି ସ୍ୱେଚ୍ଛାସେବୀମାନେ ପ୍ରତିଷେଧକ ବ୍ୟବସ୍ଥା ଅନୁସରଣ କରିବା ସହିତ ଲୋକମାନଙ୍କୁ ଆତଙ୍କିତ ନହେବା ପାଇଁ ପରାମର୍ଶ କାର୍ଯ୍ୟରେ ଲାଗିପଡ଼ିଲେ। ୧୮୯୭ ଜୁନ୍ ୨୨ ମଧ୍ୟରାତ୍ରରେ ପୁନାସ୍ଥ ଗଭର୍ଣ୍ଣର ହାଉସ୍‌ରୁ ଏକ ରାତ୍ରିଭୋଜନ ସାରି ତିଳକ ସ୍ୱଗୃହକୁ ଫେରିବା ସମୟରେ ଅଜଣା ଦୁର୍ବୃତମାନେ ରେଣ୍ଡ ସାହେବ ଓ ତାଙ୍କ ଅଙ୍ଗରକ୍ଷୀ ଲେଫ୍ଟନାଂଟ ଆୟବଟକୁ ହତ୍ୟା କରିଦେଲେ। ଏହି ଘଟଣାରେ ଦାମୋଦର ଚିପଲୁ ଫାଶୀଦଣ୍ଡ ପାଇଥିଲେ। ତିଳକ ନର୍ଦ୍ଦୋଷ ଥିଲେ ମଧ୍ୟ ପିଙ୍ଗଲ କୋଡ୍‌ର ୧୨୪ (କ) ଧାରାରେ ଅଭିଯୁକ୍ତ ହେଲେ। ତାଙ୍କୁ ୧୮ ମାସ ସଶ୍ରମ କାରାଦଣ୍ଡ ଆଦେଶ ଦିଆଗଲା। ଭାରତୀୟ ନେତାମାନେ ଆପତି ଉଠାଇଲେ। ସାଂସଦ ଉଇଲିୟମ୍ ହଂଟର ଓ ପ୍ରଫେସର୍ ମ୍ୟାକସ୍ ମୁଲ୍ଲର ଇଂରେଜ ସରକାରଙ୍କ ଉପରେ ଚାପ ପକାଇବାରୁ ୧୮୯୮ ସେପ୍ଟେମ୍ବର ୭ରେ ତିଳକ ଜେଲ୍‌ରୁ ମୁକ୍ତ ହେଲେ। ଏହାପରେ ସେ ଲୋକମାନ୍ୟ ତିଳକ ନାମରେ ଅଭିହିତ ହୋଇ ସାରା ଭାରତର ପ୍ରିୟନେତା ଭାବରେ ସ୍ୱୀକୃତିଲାଭ କଲେ। ପୁନା ଜେଲ୍‌ରେ ବୈଦିକ ଆର୍ଯ୍ୟ ସଭ୍ୟତା ଅଧ୍ୟୟନ କରି 'ଦି ଆର୍କଟିକ୍ ହୋମ୍ ଇନ୍ ଦି ବେଦସ୍' ପ୍ରକାଶ କରିଥିଲେ।

୧୯୦୬ କଲିକତା କଂଗ୍ରେସ୍ ଅଧିବେଶନରେ ପ୍ରାୟ ଦୁଇହଜାର ପ୍ରତିନିଧି ଓ ୧୦ ହଜାର ଦୈନିକ ଉପସ୍ଥାନରୁ କମ୍ ନଥିଲା। ପ୍ରଥମ ଥର ପାଇଁ ଏହି ଅଧିବେଶନରେ କଂଗ୍ରେସ ସ୍ୱରାଜ ଦାବି କରିବା ଏକ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ଥିଲା। ଚରମପନ୍ଥୀ ଓ ନରମପନ୍ଥୀ ଗୋଷ୍ଠୀବିବାଦ ଯୋଗୁ ତିଳକ ୧୯୦୭ ଜାନୁୟାରୀ ୨ ତାରିଖରେ କଲିକତାରେ କହିଥିଲେ, ଆଜି ଯିଏ ଚରମପନ୍ଥୀ କାଲି ହୁଏତ ନରମପନ୍ଥୀ ହୋଇପାରେ। ତୁମେ ଯଦି ସ୍ୱାଧୀନ ହେବାକୁ ଚାହଁ, ସ୍ୱାଧୀନ ହୋଇପାରିବ, ନଚେତ ସବୁଦିନ ପାଇଁ ପରାଧୀନ ରହିବ। ତୁମେ ଅସ୍ତ୍ରଧାରଣ କରିବାକୁ ସମର୍ଥ ନୁହଁ। ତେବେ ଇଂରେଜ ସରକାର ବିରୁଦ୍ଧରେ ଅହିଂସାତ୍ମକ ଅସହଯୋଗ ଆନ୍ଦୋଳନ ତ କରିପାରିବ! ବିଦେଶୀ ପଦାର୍ଥ, ଅନୁଷ୍ଠାନ ଓ କରକୁ ବର୍ଜନ କର, ଐକ୍ୟବଦ୍ଧ ହୋଇ କରିପାରିବ ତ' କାଲି ତୁମେ ସ୍ୱାଧୀନ ହେବ। କଲିକତା ଅଧିବେଶନରେ ବଙ୍କିମ୍‌ଚନ୍ଦ୍ରଙ୍କର 'ବନ୍ଦେ ମାତରମ୍' ଜାତୀୟ ସଙ୍ଗୀତ ରୂପେ ମାନ୍ୟତା ଲାଭ କଲା। ବର୍ମାରୁ ଜେଲ୍‌ଦଣ୍ଡ ଭୋଗ କରି ତିଳକ ସୁରତ ଅଧିବେଶନରେ ଯୋଗ ଦେଇଥିଲେ। ଏହି ଅଧିବେଶନରେ ପ୍ରଥମ ଦିନରୁ ବିଶୃଙ୍ଖଳା ଆରମ୍ଭ ହୋଇଗଲା। ବିଶୃଙ୍ଖଳା ଚରମସୀମାରେ ପହଂଚିଲା। କଂଗ୍ରେସ୍ ଇତିହାସରେ ସୁରତ ବିଭାଜନ ବୋଲି ଅଭିହିତ କରାଯାଏ। ତିଳକ ଓ ଲଜପତ ରାୟଙ୍କ ଭଳି ଉଗ୍ର ଜାତୀୟବାଦୀ କଂଗ୍ରେସ ସ୍ରୋତରୁ ଭିନ୍ନ ରହିଗଲେ। ତିଳକ ମିଳାମିଶା ପାଇଁ ପଦକ୍ଷପ ନେଇଥିଲେ। ତିଳକ ଜାତୀୟ କଂଗ୍ରେସ୍ ବଦଳରେ ଆଂଚଳିକ କଂଗ୍ରେସ୍ ସମ୍ମିଳନୀ ଅକୋଲା ସହରରେ ଆୟୋଜନ କଲେ। ସେଠାରେ ସେ କହିଥିଲେ ଯେ ସ୍ୱତନ୍ତ୍ରତା ଆମର ଜନ୍ମସିଦ୍ଧ ଅଧିକାର।

୧୯୦୮ରେ ପୁନାର ଏକ ଜନସଭାରେ ମଦ୍ୟପାନ ବିରୋଧରେ ସେ ସ୍ୱରଉତୋଳନ କରିଥିଲେ। ଗୋଖଲେ ଓ ଭଣ୍ଡାରକର ସହଯୋଗରେ ତିଳକ ସମଗ୍ର ମହାରାଷ୍ଟ୍ରର ମଦଦୋକାନ ଆଗରେ ଆନ୍ଦୋଳନ କଲେ। ଏହି ସମୟରେ ମୁଜାଫରପୁରରେ ଜଜ୍ କିଙ୍ଗ୍‌ସଫୋର୍ଡ଼ଙ୍କ କାର୍ ଉପରେ ବୋମା ଫିଙ୍ଗା ଘଟଣାରେ ଦୁଇଜଣ ଇଂରେଜ ମହିଳା ମୃତ୍ୟୁବରଣ କରିଥିଲେ। କେଶରୀ ପତ୍ରିକାରେ 'ଦେଶ୍‌କା ଦୁର୍ଭାଗ୍ୟ' ଲେଖା ପାଇଁ ରାଷ୍ଟ୍ରଦ୍ରୋହ ଅପରାଧରେ ତିଳକ ଗିରଫ ହେଲେ। ଦୁଇ ଅଭିଯୋଗ ପାଇଁ ତିନିବର୍ଷ ଜେଲ୍‌ଦଣ୍ଡ ଏବଂ ତୃତୀୟ ଅଭିଯୋଗ ପାଇଁ ଏକ ହଜାର ଟଙ୍କା ଅର୍ଥଦଣ୍ଡ। ହାଇକୋର୍ଟରେ ତୃତୀୟ ଅଭିଯୋଗରୁ ତିଳକ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିଲେ ଏବଂ ସଶ୍ରମ ଜେଲ୍‌ଦଣ୍ଡ ବଦଳରେ ସାଧାରଣ ଜେଲଦଣ୍ଡ ମିଳିଲା। ସେଥିପାଇଁ ସରକାର ସାବରମତୀ ଜେଲରୁ ଜଳପଥରେ ରେଙ୍ଗୁନ୍‌ର ମାଣ୍ଡାଲେ ଜେଲ୍‌ଖାନାକୁ ପଠାଇଦେଲେ। ଜନମତ ନିର୍ବିଶେଷରେ ସଭିଏଁ ତିଳକଙ୍କ ପ୍ରତି ହୋଇଥିବା ଅନ୍ୟାୟ ଦଣ୍ଡାଦେଶକୁ ନିନ୍ଦା କରିଥିଲେ। ଏପରିକି ଇଂଲଣ୍ଡର ହେନରୀ କଟନ, ହାଇଣ୍ଡମ୍ୟାନ, କିର୍ ହାର୍ଡ଼ି ଏବଂ ମୋରଲେ ଆଦି ବିଶିଷ୍ଟ ବ୍ୟକ୍ତିଗଣ ଓ ଇଂରାଜୀ ସମ୍ବାଦପତ୍ର ମାଂଚେଷ୍ଟାର ଗାର୍ଡ଼ିୟାନ୍ ତିଳକଙ୍କ ବର୍ବରୋଚିତ ଶାସ୍ତି ବିରୋଧରେ ମତବ୍ୟକ୍ତ କରିଥିଲେ। ଦାଦାସାହେବ ଖାପର୍ଦେ ପ୍ରିଭି କାଉନ୍‌ସିଲରେ ତିଳକଙ୍କ ମୁକ୍ତି ପାଇଁ ଆବେଦନ କରିଥିଲେ। ଆବେଦନ ନାମଂଜୁର ହୋଇଗଲା। ବର୍ମାର ମାଣ୍ଡାଲେ କେନ୍ଦ୍ର ଜେଲ୍‌ରେ ଦୁଇମହଲା ବିଶିଷ୍ଟ ୨୦ଫୁଟ୍ X ୧୨ଫୁଟ କାଠରେ ତିଆରି ଘରେ ରହୁଥିଲେ। ତାଙ୍କ ସାଙ୍ଗରେ ପାଚକ କୁଲକର୍ଣ୍ଣ ରହୁଥିଲେ। କୁଲକର୍ଣ୍ଣ ଅସୁସ୍ଥ ହେଲେ, ତିଳକ ତାଙ୍କ ସେବା କରିଥିଲେ। ମାଣ୍ଡାଲେଠାରେ ସେ ଜର୍ମାନ ଓ ପାଲୀ ଭାଷା ସାହିତ୍ୟରେ ବିଶେଷ ଅଧ୍ୟୟନ କରିଥିଲେ। ତାଙ୍କର ଗବେଷଣାମୂଳକ କୃତି 'ଦି ଓରିୟନ' ଥିଲା। ମାଣ୍ଡାଲେ ଜେଲରେ ଥିବା ସମୟରେ, ୧୯୧୨ ଜୁନ୍ ୭ରେ ତାଙ୍କ ପତ୍ନୀ ଦୁଇପୁତ୍ର ଓ କନ୍ୟା ସନ୍ତାନ ଛାଡ଼ି ଇହଲୀଳା ତ୍ୟାଗ କଲେ। ଭଣଜା ଧୋଣ୍ଡୋ ଯଥାରୀତି କ୍ରିୟାକର୍ମ କରିଥିଲେ। ପତ୍ନୀଙ୍କ ମୃତ୍ୟୁପରେ ତିଳକ ମାନସିକ ଦୁଃଖ ଓ ଯନ୍ତ୍ରଣା ସହି ମାଣ୍ଡାଲେରେ ପଡ଼ିରହିଲେ। ୧୯୧୪ ଜୁନ୍ ୮ ତାରିଖରେ ଜେଲ୍ ଅଧକ୍ଷଙ୍କଠାରୁ ତିଳକ ମୁକ୍ତ ହେବାର ସୂଚନା ପାଇଲେ। ଜୁନ୍ ୧୬ ତାରିଖରେ ସେ ନିଜ ବାସସ୍ଥାନ ଗାୟକୱାଡ଼ାରେ ରାତି ଦୁଇଟାରେ ପହଂଚିଥିଲେ। ଦେଶଭକ୍ତ ତିଳକଙ୍କ ଘରବାହୁଡ଼ା ଘଟଣା ଭାରତୀୟଙ୍କ ହୃଦୟରେ ଆନନ୍ଦର ଜୁଆର ଖେଳାଇ ଦେଇଥିଲା।

ଦେଶସେବା ସହିତ ମାତୃଭୂମିକୁ ପରାଧୀନତା କବଳରୁ ଉଦ୍ଧାର କରିବାର ଦୃଢସଂକଳ୍ପ ତାଙ୍କୁ ମୁକ୍ତି ସଂଗ୍ରାମର ମହାନାୟକ ଭାବରେ ଉଭା କରିଥିଲା। ତିଳକ ପୂର୍ବପରି କ୍ରିୟାଶୀଳ ଓ ଚଳଚଂଚଳ ହୋଇପଡ଼ିଲେ। ତାଙ୍କର ପ୍ରିୟ ଜାତୀୟ ଦଳକୁ ପୁନର୍ଜୀବିତ କରିବାକୁ ଲାଗିପଡ଼ିଲେ। ଏଥିରେ ଆନିବେସାନ୍ତ ତାଙ୍କୁ ସାହାଯ୍ୟ କଲେ। ୧୯୧୪ ଅଗଷ୍ଟରେ ପ୍ରଥମ ବିଶ୍ୱଯୁଦ୍ଧରେ ତିଳକ ଗଣତନ୍ତ୍ରର ପ୍ରତିଷ୍ଠା ଓ ଏକଛତ୍ରବାଦୀ ଶାସନର ବିଲୋପ ପାଇଁ ସରକାରକୁ ସମର୍ଥନ ଜଣାଇଲେ। ତିଳକ ନିଜ ସମର୍ଥକମାନଙ୍କୁ ନେଇ ଶ୍ରୀ ଖାପର୍ଦେଙ୍କ ଅଧ୍ୟକ୍ଷତାରେ 'ହୋମ୍ ରୁଲ୍ ଲିଗ୍' ନାମକ ସମିତି ଗଠନ କରି ୧୯୧୬ ଏପ୍ରିଲ ୨୮ରେ ବେଲ ଗାଁଓ ସହରରେ ଏକ ସମାବେଶ ଆୟୋଜନ କରିଥିଲେ। ବିପୁଳ ସଂଖ୍ୟାରେ ସମର୍ଥକମାନେ ସ୍ୱରାଜ ପାଇଁ ସଂଗ୍ରାମ କରିବାକୁ ଆଗେଇ ଆସିଲେ। ଏହି ସମିତିରେ ସଭାପତି ଯୋଶେଫ ବାପଟିଷ୍ଟା ଓ କେଲକାର୍ ଏବଂ ଡି.ଭି. ଗୋଖଲେ ଦୁଇ ସେକ୍ରେଟାରୀଙ୍କୁ ନେଇ ଅତି ଅଳ୍ପ ସମୟରେ ତାଙ୍କର ଆଦର୍ଶକୁ ସର୍ବଭାରତୀୟ ସ୍ତରରେ ବ୍ୟାପକ କରିପାରିଥିଲେ। ପୁନାର ଜିଲ୍ଲାପାଳ 'ହୋମ୍ ରୁଲ୍' ଦ୍ୱାରା ଆତଙ୍କିତ ହୋଇ ତିଳକଙ୍କୁ ଚେତାବନୀ ଓ ଗ୍ୟାରେଂଟି ମାଗିଲେ। ଓକିଲ ମହମ୍ମଦ ଅଲ୍ଲି ଜିନ୍ନାଙ୍କ ମାଧ୍ୟମରେ ତିଳକ ହାଇକୋର୍ଟରେ ଅପିଲ କଲେ ଓ ବିଜୟୀ ହେଲେ। ନେହରୁ ତିଳକଙ୍କୁ ସମର୍ଥନ ଜଣାଇଲେ। ୧୯୧୬ ଡ଼ିସେମ୍ବର ଲକ୍ଷ୍ନୌଠାରେ କଂଗ୍ରେସ୍‌ର ବାର୍ଷିକ ଅଧିବେଶନରେ 'ସ୍ୱରାଜ ମୋର ଜନ୍ମଗତ ଅଧିକାର' ସ୍ଲୋଗାନ ଦିଆଗଲା। ବିଭାଜିତ କଂଗ୍ରେସ୍ ଓ ହିନ୍ଦୁ ମୁସଲମାନ ଏକତ୍ରିତ ହୋଇ ସ୍ୱରାଜ ପାଇଁ ଲଢିବାକୁ ସଂକଳ୍ପ ନେଲେ। ଏକତ୍ରିତ କରିବାରେ ମୁଖ୍ୟଭୂମିକା ତିଳକ ଗ୍ରହଣ କରିଥିଲେ। ତିଳକ ଜନ୍ମଦିନରେ ଏକଲକ୍ଷ ଟଙ୍କାର ଥଳିରୁ ଜାତୀୟ କାର୍ଯ୍ୟ ପାଇଁ ବ୍ୟୟ କରିଥିଲେ। ଔପନିବେଶିକ ସ୍ୱାର୍ଥ ଓ ଆଂଶିକ ରାଜନୀତିକ ଅଧିକାର ଦେବା ଉଦ୍ଦେଶ୍ୟରେ ସରକାର ମଂଟେଗୁ ଚେମ୍‌ସଫୋର୍ଡ଼ ଶାସନ ସଂସ୍କାର ୧୯୧୭ ଅଗଷ୍ଟ ୨୦ରେ ଲଣ୍ଡନରେ ଘୋଷଣା ହେଲା। ଶାସନକୁ ଗତିଶୀଳ କରିବା ଉଦ୍ଦେଶ୍ୟରେ ଭାରତ ବ୍ୟାପାର ମନ୍ତ୍ରୀ ମଂଟେଗୁ ନଭେମ୍ବର ମାସରେ ଭାରତୀୟ ନେତାମାନଙ୍କ ସହିତ ଆଲୋଚନା କଲେ। ଚେମ୍‌ସଫୋର୍ଡ଼ ବଡ଼ଲାଟ ଭାବରେ ତିଳକ ଓ ହୋମରୁଲ୍ ଲିଗ୍‌ର ନେତାମାନଙ୍କ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରିଶେଷରେ ୧୯୧୮ ଜୁନ୍ ଶେଷରେ ମଂଟେଗୁ ଚେମ୍‌ସ-ଫୋର୍ଡ଼ ସରକାରୀ ଇସ୍ତାହାର ପ୍ରକାଶିତ ହେଲା। ତିଳକ କହିଥିଲେ ପ୍ରଜାତନ୍ତ୍ର ଶାସିତ ଇଂଲଣ୍ଡ ଯାହା ଦେବ, ଆମେ ସ୍ୱୀକାର କରିବା ଏବଂ ଯାହା ନଦେବ ସେଥିପାଇଁ ସଂଘର୍ଷ ଜାରି ରଖିବା। ରାଜନୀତିରେ ତିଳକଙ୍କ ମର୍ଯ୍ୟାଦା ବହୁଭାବରେ ବଢିଗଲା। ସମ୍ବାଦପତ୍ରରେ ଭାରତର ମୁକୁଟବିହୀନ ସମ୍ରାଟ ଭାବରେ, ତିଳକ ଅଭିହିତ ହୋଇଥିଲେ। ସେ ସର୍ବଦା ଇଂଲଣ୍ଡର ଗଣତନ୍ତ୍ରକୁ ଭାରତରେ ପ୍ରଚଳନ କରାଇବାକୁ ଚାହୁଁଥିଲେ। 'ଇଣ୍ଡିଆନ୍ ଅନ୍‌ରେଷ୍ଟ' ପୁସ୍ତକ ରଚୟିତା ଭେଲେଣ୍ଟାଇନ ଚିରୋଲଙ୍କ ଆପତିଜନକ ଲେଖା ପାଇଁ ତିଳକ ଲଣ୍ଡନ ଯାତ୍ରା କରିଥିଲେ। ଲଣ୍ଡନସ୍ଥ ରାଜାଙ୍କ କୋର୍ଟରେ ମୋକଦ୍ଦମା ଦାୟର ହେଲା। ଚିରୋଲଙ୍କୁ ଇଂରେଜ ସରକାର ସବୁ ସହାୟତା କରିବାରୁ ବିଚାରରେ ଚିରୋଲ ଜୟଲାଭ କଲେ। ପରାଜୟ ସତ୍ତ୍ୱେ ତିଳକ ଭାରତୀୟ ଜନସାଧାରଣଙ୍କ ସମ୍ମାନାସ୍ପଦ ନେତା ଭାବରେ ସ୍ୱୀକୃତି ପାଇଥିବା ବିଷୟ ମହାତ୍ମା ଗାନ୍ଧି ସ୍ୱୀକାର କରିଥିଲେ। ଇଂଲଣ୍ଡରେ ଏକବର୍ଷ ରହି ତିଳକ ଭାରତର ସ୍ୱରାଜ ପାଇଁ ଲଢେଇ ଜାରି ରଖିଲେ। ଆମେରିକା ରାଷ୍ଟ୍ରପତି ଉଇଲସନ ଗଣତନ୍ତ୍ର, ବ୍ୟକ୍ତି ସ୍ୱାଧୀନତା ଓ ପରାଧୀନ ଜାତି ପାଇଁ ସ୍ୱରାଜ ଦେବା ସପକ୍ଷରେ ଚଉଦ ଦଫା ଘୋଷଣାପତ୍ର ପ୍ରକାଶ କଲେ। ଇଂଲଣ୍ଡ ଉପରେ ଏହାର ପ୍ରଭାବ ପଡ଼ିଲା। ସରକାର ତିଳକ ଉପରେ ଥିବା ରାଜନୀତିକ କଟକଣା ହଟାଇଦେଲେ। ୧୯୧୯ ଫେବୃୟାରୀ ୨୫ରେ ତିଳକ 'କେକସ୍‌ଟନ୍ ହଲ୍'ରେ ଭାଷଣଦେଇ କହିଥିଲେ- ଭାରତ ପାଇଁ ସ୍ୱାଧୀନତାର ସ୍ୱାଦ ପାଇବା ସମୟ ଏବେ ଆଗତପ୍ରାୟ। ଜାତୀୟ କଂଗ୍ରେସର ସାପ୍ତାହିକ 'ଇଣ୍ଡିଆ'ର ସଂପାଦକ ହେନରୀ ପୋଲକ ଭାରତ ବିରୋଧୀ ଲେଖାମାନ ପ୍ରକାଶ କରୁଥିବାରୁ ତିଳକ ପ୍ରତିବାଦ କଲେ। ପୋଲକ ସ୍ଥାନରେ ଏନ.ସି. କେଲକାରଙ୍କୁ ସଂପାଦକ ନିଯୁକ୍ତ କରିଥିଲେ ବ୍ରିଟିଶ-ଇଣ୍ଡିଆ କମିଟି।

ଅମୃତସର ଅଧିବେଶନରେ ଗାନ୍ଧିଜୀ ଓ ତିଳକ ମଧ୍ୟରେ ହୋଇଥିବା ଆଲୋଚନା ଅତି ଗୁରୁତ୍ୱପୂର୍ଣ୍ଣ ଥିଲା। ତିଳକଙ୍କ ଆଦର୍ଶ ଭଗବାନ ଶ୍ରୀକୃଷ୍ଣ ଓ ଗାନ୍ଧିଜୀଙ୍କ ଆଦର୍ଶ ବୁଦ୍ଧ ଓ ଯୀଶୁଖ୍ରୀଷ୍ଟ। ତିଳକ ଜଣେ ଶାସ୍ତ୍ରଜ୍ଞ ପଣ୍ଡିତ, ଗାନ୍ଧିଜୀ ଥିଲେ ତପସ୍ୱୀ ସାଧକ। ଉଭୟଙ୍କ ଶ୍ରଦ୍ଧା, ମମତା ଓ ପ୍ରେମ ଥିଲା ଭାରତମାତା ପ୍ରତି। ମେଲେରିଆ ଓ ନିମୋନିଆରେ ଆକ୍ରାନ୍ତ ହୋଇ ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାସେନାପତି ୧୯୨୦ ମସିହା ଜୁଲାଇ ୩୧ ତାରିଖ ମଧ୍ୟରାତ୍ରି ୧୨ଟା ୪୦ ମିନିଟ୍‌ରେ ଶେଷନିଃଶ୍ୱାସ ତ୍ୟାଗ କରିଲେ। ଭାରତର ବରପୁତ୍ର ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଳକଙ୍କୁ ମହାତ୍ମାଗାନ୍ଧି, ସୌକତ ଅଲ୍ଲୀ, ଡ଼ଃ କିଚୁଲୁ, ନେହରୁ ଆଦି ନେତାମାନେ କାନ୍ଧରେ ବମ୍ବେ ଚୌପାଠୀ ଶ୍ମଶାନ ଅଭିମୁଖେ ନେଲେ। ଚନ୍ଦନ କାଠର ଚିତାରେ ସଂଗ୍ରାମୀ ବୀରଙ୍କ ଦାହ ସଂସ୍କାର ହେଲା। ସାରା ଭାରତ ପାଇଁ ଅଗଷ୍ଟ ୧ ଥିଲା ଏକ ଦୁଃଖାତ୍ମକ ଦିବସ। ତିଳକ ଥିଲେ ନବଭାରତର ନିର୍ମାତା। ସେ ଥିଲେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ପିତାମହ। ଭାରତର ଗୌରବମୟ ଅତୀତର ପ୍ରତୀକ, ସଂସ୍କୃତିର ପୁରୋଧା, ସ୍ୱାଧୀନତାର ନେତୃପୁରୁଷ ଓ ସ୍ୱାଧୀନତାର ପଥପ୍ରଦର୍ଶକ ଭାବରେ ଚିରସ୍ମରଣୀୟ।

# ସର୍ଭିସ୍ ରୋଡ ନିର୍ମାଣ ନିମନ୍ତେ ରାଜରାସ୍ତାକୁ ଓହ୍ଲାଇଲେ ଜନସାଧାରଣ



ଯୋଡା (ପିଏନ୍): ଯମ ଯନ୍ତ୍ରଣାରୁ ରକ୍ଷା ପାଇବା ପାଇଁ ବହୁବାର ଅନୁରୋଧ କରିବା ସତ୍ତ୍ୱେ ଫ୍ଲାଇଓଭର ନିର୍ମାଣକାରୀ ଠିକା ସଂସ୍ଥା ଚେଭ୍‌ରୋକ୍ସ କମ୍ପାନୀ ଯୋଡାବାସୀଙ୍କର ଦୁଃଖକୁ ହୃଦୟଙ୍ଗମ କରୁନଥିବାରୁ ଅତିଷ୍ଠ ହୋଇ ଶେଷରେ ସେମାନେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ୍ୟ ହୋଇଛନ୍ତି । ଦୀର୍ଘ ଦୁଇବର୍ଷ ହେବ ଫ୍ଲାଇଓଭର ନିର୍ମାଣକାର୍ଯ୍ୟ ଚାଲୁ ରହିଥିବା ବେଳେ ସରକାରୀ ନିୟମ ଅନୁଯାୟୀ ଲୋକମାନଙ୍କର ଯାତାୟତରେ କୌଣସି ବାଧା ସୃଷ୍ଟି ନହେବା ପାଇଁ ଦୁଇ ପାର୍ଶ୍ୱରେ ପ୍ରଥମେ ସର୍ଭିସ୍ ରୋଡ ନିର୍ମାଣ କରିବାର ପ୍ରାବଧାନ ରହିଛି । ଏହି ସର୍ଭିସ୍ ରୋଡ ନିର୍ମାଣ ନିମନ୍ତେ କମ୍ପାନୀକୁ ସରକାରଙ୍କ ତରଫରୁ ଅଧିକ ଅର୍ଥ ମଧ୍ୟ ଯୋଗାଇ ଦିଆଯାଇଥାଏ । ଏହି ଅର୍ଥକୁ କାମରେ ନଲଗାଇ ଆତ୍ମସାତ୍ କରିବାକୁ କମ୍ପାନୀ ମସୁଧା କରିଥିବାବେଳେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏହାର ପ୍ରତିବାଦରେ ଅଞ୍ଚଳବାସୀ ଆଜି ସକାଳୁ ଏକତ୍ରିତ ହୋଇ କୁମାର ଯୋଡା ନିକଟରେ ରାସ୍ତା ଅବରୋଧ କରିଥିବା ଦେଖିବାକୁ ମିଳିଛି । ଲୋକଙ୍କ ଅଭିଯୋଗ ମୁତାବକ ଠିକା ସଂସ୍ଥା ଓ ସ୍ଥାନୀୟ ପ୍ରଶାସନର ମଧୁଚନ୍ଦ୍ରିକାରେ ଏଭଳି ଅମାନୁଷିକ କାର୍ଯ୍ୟ ଦୀର୍ଘ ଦୁଇ ବର୍ଷ ହେବ ଚାଲିଆସୁଛି । ଯୋଡା ସହର ମଧ୍ୟ ଦେଇ ଯାଇଥିବା ୨ ନମ୍ବର ରାଜ୍ୟ ରାଜପଥ ଏବେ ମରଣଯନ୍ତା ପାଲଟିଛି । ଏହି ରାସ୍ତା ଦେଇ ପ୍ରତିଦିନ କୋଟି କୋଟି ଟଙ୍କାର ଖଣିଜ ପରିବହନ ହୋଇଥାଏ । ଉଗ୍ର ଗାଡିଚାଳନା ଓ ନିଶ୍ଚିତ ବିପଦରୁ ରକ୍ଷାପାଇବା ପାଇଁ ବହୁ ଦିନରୁ ଏକ ଫ୍ଲାଇଓଭର୍ ନିର୍ମାଣ ନିମନ୍ତେ ଦାବି ହୋଇଆସୁଥିଲା । ରାଜ୍ୟ ତଥା କେନ୍ଦ୍ର ସରକାର ଏହାକୁ ଗୁରୁତର ସହିତ ବିଚାରକୁ ନେଇ ରଣାଶାଳ ଘାଟି ଠାରୁ କୁମାର ଯୋଡା ପର୍ଯ୍ୟନ୍ତ ୨୦୨୧ ମସିହାରେ ଫ୍ଲାଇଓଭର୍ ନିର୍ମାଣ ନିମନ୍ତେ ଅନୁମତି ଦେଇଛନ୍ତି । ଏହି କାର୍ଯ୍ୟଟିକୁ ସମ୍ପାଦନ କରିବା ନିମନ୍ତେ ଓଡିଶା ବ୍ରିଜ କନ୍‌ଷ୍ଟ୍ରକ୍‌ସନ୍ (ଓବିସିସି) କମ୍ପାନୀକୁ ହସ୍ତାନ୍ତର କରାଯାଇଛି । ଓବିସିସି ଏହି ଫ୍ଲାଇଓଭର ନିର୍ମାଣ ପାଇଁ ଚେଭ୍‌ରୋକ୍ସ ନାମକ ଏକ ଠିକା ସଂସ୍ଥାକୁ ଦେଇଥିବା ଜଣାପଡିଛି । ଅସରାଏ ବର୍ଷାରେ ରାସ୍ତା ଉପରେ ପାଣି ଲହଡି ମାରିବା ସହିତ ଆଣ୍ଠୁଏ କାଦୁଅ ଭରିଯାଉଛି । ଏହି ରାସ୍ତାର ଦୁଇପାର୍ଶ୍ୱରେ ଥିବା ବିଭିନ୍ନ ବସ୍ତିକୁ ସଂଯୋଗ କରୁଥିବା ରାସ୍ତାଗୁଡିକ ମଧ୍ୟ ଆଣ୍ଠୁଏ କାଦୁଅରେ ଭରିଯାଉଛି । ମୁଖ୍ୟ ରାସ୍ତାର ଦୁଇ କଡରେ ସ୍କୁଲ, ଡାକ୍ତରଖାନା, ବ୍ୟାଙ୍କ ଇତ୍ୟାଦି ଥିବାବେଳେ ଲୋକମାନେ ଯାତାୟାତ କରିବା ସମ୍ଭବ ହୋଇପାରୁନାହିଁ । ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ସଂଖ୍ୟାର କୋମଳମତି ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯାଇଥା'ନ୍ତି । କିନ୍ତୁ ବିଡମ୍ବନାର ବିଷୟ କମ୍ପାନୀ କର୍ତୃପକ୍ଷ ଏଥିପ୍ରତି ନଜର ଦେଉନଥିବାରୁ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଯିବା ସମ୍ଭବ ହୋଇପାରୁନାହିଁ । ବାରମ୍ବାର ଅଭିଯୋଗ ସତ୍ତ୍ୱେ କମ୍ପାନୀର ଏଭଳି ମନୋମୁଖି କାର୍ଯ୍ୟକୁ ସ୍ଥାନୀୟ ବାସିନ୍ଦା ଘୋର ନିନ୍ଦା କରିଛନ୍ତି । ଚେଭ୍‌ରୋକ୍ସ କମ୍ପାନୀ କାହାର ଛତ୍ରଛାୟା ତଳେ ରହି ଏଭଳି ଅମାନୁଷିକ କାର୍ଯ୍ୟ କରୁଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଏପରିସ୍ଥଳେ ଯୋଡା ମଧ୍ୟ ଦେଇ ଯାଇଥିବା ଡ୍ରେନ୍‌ଗୁଡିକ ଠିକଣା ସମୟରେ ସଫା କରାଯାଉନଥିବାରୁ ପ୍ରତ୍ୟେକ ସ୍ଥାନରେ ପାଣି ଜମି ରହୁଥିବା ଦେଖିବାକୁ ମିଳୁଛି । ସେହିଭଳି ଯୋଡା ବ୍ଲକ ଅନ୍ତର୍ଗତ କାଳିମାଟୀ ଛକଠାରେ ମୁଖ୍ୟ ରାସ୍ତା ଉପରେ ଅନେକଗୁଡିଏ ଗାତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ଯାହା ଫଳରେ ସାଧାରଣ ଜୀବନଯାତ୍ରା ଦୁର୍ବିସହ ହୋଇପଡିଛି । ଉକ୍ତ ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ସଂଖ୍ୟାର ଟ୍ରକ୍ ରେଳ ସାଇଡିଂ ଓ ବିଭିନ୍ନ କାରଖାନାକୁ ଲୁହାପଥର ପରିବହନ କରିଥା'ନ୍ତି । ଉକ୍ତ ରାସ୍ତାରେ ପ୍ରତିଦିନ ଟ୍ରକ୍‌ଗୁଡିକ ଫସିରହିବା ସହିତ ଟ୍ରକ୍‌ଗୁଡିକର ଯନ୍ତ୍ରାଂଶ ଭାଙ୍ଗିଯାଉଥିବାରୁ ମାଲିକମାନେ ଅନେକ କ୍ଷତି ସହୁଛନ୍ତି । ବାରମ୍ବାର ଅଭିଯୋଗ ପରେ ମଧ୍ୟ ଏହି ରାସ୍ତାଗୁଡିକର ସୁଧାର ଆସୁନଥିବା ହେତୁ ବାଧ୍ୟ ହୋଇ ସ୍ଥାନୀୟ ବାସିନ୍ଦା ରାସ୍ତାରୋକ କରିଥିବା ଜଣାପଡିଛି । ଆଗାମୀ ଦିନରେ ଯଦି ଏହାକୁ ବିଚାରକୁ ନ ନିଆଯାଏ ତେବେ ଆନ୍ଦୋଳନର ପନ୍ଥା ଅବଲମ୍ବନ କରିବା ସହିତ ଅର୍ଥନୈତିକ ଅବରୋଧ କରାଯିବ ବୋଲି ସ୍ଥାନୀୟ ବାସିନ୍ଦାମାନେ ଚେତାବନି ଦେଇଛନ୍ତି ।

# ମାନବସେବାରେ ଆକାଶବାଣୀ

ସଂବାଦ ପରିବେଷଣ ଏବଂ ଆହରଣ ନିମନ୍ତେ ତିନୋଟି ଗଣମାଧ୍ୟମ ଅଛି। ସେଗୁଡ଼ିକୁ ଆମେ ଦୃଶ୍ୟ, ଶ୍ରାବ୍ୟ ଏବଂ ଦୃଶ୍ୟ-ଶ୍ରାବ୍ୟ ମାଧ୍ୟମ ବୋଲି କହୁ। ଏବେକୁ ଇଲେକ୍ଟ୍ରୋନିକ୍ସ ମାଧ୍ୟମ ତତ୍‌କ୍ଷଣାତ୍ କାର୍ଯ୍ୟ କରୁଛି। ସଂପ୍ରତି ଏବେକୁ ଇଲୋକ୍ଟ୍ରୋନିକ୍ ମାଧ ମଧ ତତ୍‌କ୍ଷାଣିକ କାର୍ଯ୍ୟ କରୁଛି। ସଂପ୍ରତି ଅନ୍ୟାନ୍ୟ ଗଣ ମାଧ୍ୟମ ଅପେକ୍ଷା ଦୃଶ୍ୟ-ଶ୍ରାବ୍ୟ (ଦୂରଦର୍ଶନ) ଏବଂ ଶ୍ରାବ୍ୟ (ଆକାଶବାଣୀ) ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ତା' ତଳକୁ ଅଛନ୍ତି ପତ୍ର ପତ୍ରିକା ଇତ୍ୟାଦି। ତେବେ ଏକଥା ନିଶ୍ଚୟ କହିବୁ ଯେ ତୁରନ୍ତ ଏବଂ ସର୍ବକାଳୀନ କାର୍ଯ୍ୟକ୍ଷମ ନିମନେ ରେଡ଼ିଓ ବା ଆକାଶବାଣୀ ହିଁ ସର୍ବଉମ।

ରେଡ଼ିଓ ପୃଥିବୀର ଯେତେ ବିସ୍ମୟ ଅଛି, ସେମାନଙ୍କ ମଧ୍ୟରେ ଅନ୍ୟତମ। ଏହା ମଣିଷର ସ୍ୱରକୁ ଦୂରକୁ ବିନା ତାରରେ ଆକାଶର ମାଧ୍ୟମରେ ପଠାଇଥାଏ। ଏହା କୌଣସି ସ୍ଥାନରୁ ବାର୍ତ୍ତାକୁ ପୃଥିବୀର ଯେ କୌଣସି ସ୍ଥାନକୁ ପ୍ରେରଣ କରିବାରେ ମାତ୍ର ୩ମିନିଟ୍ ସମୟ ନିଏ।

ରେଡ଼ିଓ ଉଦ୍‌ଭାବନକୁ ହେଉଛନ୍ତି ମାର୍କୋନିଡେସ୍ ତାଙ୍କର ଉଭାବନ ମାଧ୍ୟମରେ ପୃଥିବୀବାସୀଙ୍କୁ ନିକଟରୁ ନିକଟତର କରି ପାରିଛନ୍ତି। ରେଡ଼ିଓ ସର୍ବତ୍ର ଯଥା ସହର ଓ ମଫସଲର ଘରେ ଘରେ ବଜାରଘାଟରେ, ଜାହାଜ ବା ଉଡ଼ାଜାହଜରେ ଯୁଦ୍ଧ ବା ଶାନ୍ତି କ୍ଷେତ୍ରରେ ବିପଦ କି ଆପଦବେଳେ ସହାୟତା କ୍ଷେତ୍ରରେ, ରେଳ ଚଳାଚଳ ତଥା ବ୍ୟକ୍ତିଗତ ବା ସାମୁହିକ କ୍ଷେତ୍ରରେ ବାର୍ତ୍ତାର ପ୍ରେରଣ ଓ ଶ୍ରବଣ ପାଇଁ ବ୍ୟବହୃତ ହୁଏ। ଏହା ଏକ ବିଦ୍ୟୁତ୍ ମାଧ୍ୟମ ଯନ୍ତ୍ର ହୋଇନଥିବା ହେତୁ, ସବୁ ସମୟରେ ଏବଂ ସର୍ବତ୍ର କାର୍ଯ୍ୟକ୍ଷମ ହେତୁ ଏହା ଦୂରଦର୍ଶନ ଏବଂ ଅନ୍ୟାନ୍ୟ ଗଣମାଧ୍ୟମ କାର୍ଯ୍ୟକ୍ଷମ ହେତୁ ଏହା ଦୂରଦର୍ଶନ ଏବଂ ଅନ୍ୟାନ୍ୟ ଗଣମାଧ୍ୟମ ଦୃଷ୍ଟିରୁ ଅଧିକ ନିର୍ଭରଶୀଳ।

ଦୂରଦର୍ଶନ ପରି କେବଳ ଦୃଶ୍ୟମାନ କାର୍ଯ୍ୟକ୍ରମକୁ ଛାଡ଼ିଦେଲେ ବାକି ସମସ୍ତ ତଥ୍ୟ ଯଥା : ସଂବାଦ, ବିଉବିନୋଦନ ବ୍ୟବସ୍ଥାରେ ନାଟକ ସଚରୀତ, ଗୀତ, ଆଲୋଚନାରେ ମତାମତ, ସମସ୍ତ ଘଟଣା, ଘୋଷଣା, ନିଯୁକ୍ତି ସଂପର୍କିତ ତଥ୍ୟ, ପାଣିପାଗ, ବାତ୍ୟା, ବନ୍ୟା, ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଯୁଦ୍ଧ, ଶାନ୍ତି, ଶିକ୍ଷା ଇତ୍ୟାଦିରେ ବାର୍ତ୍ତା ପାଉ। ଏତିକି କହିଲେ ଯଥେଷ୍ଟ ହେବ ଯେ କେବଳ ଦୂରଦର୍ଶନ ଛବିକୁ ବାଦଦେଲେ ବାକିସବୁ ପାଇଥାଉ। ଏତିକି କହିଲେ ଠିକ୍ ହେବ ଯେ ଦୂରଦର୍ଶନରେ ଆମେ ପୂର୍ଣ୍ଣ ସ୍ୱାଦପାଇ ନଥାଉ କାରଣ ଏହା ବିଦ୍ୟୁତ୍ ବା ସେମିତି କିଛି ଉପାୟ ଉପରେ ନିର୍ଭରଶୀଳ। ଯେଉଁ ମୁହୂର୍ତ୍ତରେ ତାହା କଟିଯାଏ, ସେଇଠି ହେଲା ବ୍ୟତିକ୍ରମ। ମାତ୍ର ସେ ପୂର୍ଣ୍ଣସ୍ୱାଦ ଦିଏ ଆକାଶବାଣୀ।

ଆକଶବାଣୀ ହିଁ ଗରିବ ଲୋକର ସାଥୀ। ମାତ୍ର ଘରେ ବା ପାଖରେ ଟ୍ରାଞ୍ଜେଷ୍ଟର ସେଟଟିଏ ଥିଲେ ଏବଂ ବ୍ୟାଟେରୀର ଅଭାବ ନଥିଲେ ଏହା ଏକ ନନ୍‌ଷ୍ଟପ ବା ସର୍ବକାଳୀନ ଯନ୍ତ୍ର, ରେଡ଼ିଓରେ ଏକ ସ୍ଥାନିକ ବ୍ୟବସ୍ଥା ଅଛି। ବାର୍ତ୍ତା ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ପ୍ରେରଣ ପାଇଁ ଉଚ୍ଚଶକ୍ତି ସଂପନ୍ନ ଆକାଶବାଣୀ ସଂସ୍ଥାନ ଅଛି। ଏମିତିରେ ଗୋଟିଏ ଦେଶରେ ଏକାଧିକ ସଂସ୍ଥାନ ବି ପ୍ରତିଷ୍ଠା ହୋଇଛି। ବିଭିନ୍ନ ଦେଶରେ ଏହାର ନାମ କରଣ ଭିନ୍ନଭିନ୍ନ। ଭାରତରେ ଏହାକୁ ଅଲ-ଇଣ୍ଡିଆ -ରେଡ଼ିଓ ବା' ଆକାଶବାଣୀ ଭାରତ କହିଲାବେଳେ, ପାକିସ୍ତାନରେ ଏହାର ନାମ, ରେଡ଼ିଓ ପାକିସ୍ଥାନ ଏବଂ ଗ୍ରେଟ୍ ବ୍ରିଟେନ୍‌ରେ କୁହନ୍ତି ବି.ବି.ସି. ବା ବ୍ରିଟିଶ ବ୍ରଡ଼କାଷ୍ଟିଙ୍ଗ୍ କର୍ପୋରେସନ।

ଦୁଃଖ ଯେ ଦୂରଦର୍ଶନ ଆବିଷ୍କାର ଫଳରେ ଏବେ ରେଡ଼ିଓ ପ୍ରତି ଆନ୍ତରିକ ଆଗ୍ରହ ନାହିଁ। ବଜାରରେ ବିକ୍ରିପାଇଁ ଟିଭିର କାଟତି ଅଛି। ରେଡ଼ିଓ ଦୋକାନ ବନ୍ଦ। ତେବେ ସମୟ ଆସୁଛି, ଯେତେବେଳେ ଟି.ଭି.କୁ ଲୋକେ ପଚାରିବେ ନାହିଁ। ସେତେବେଳେ ରେଡ଼ିଓ ଟ୍ରାଞ୍ଜିଷ୍ଟରରେ ଦୃଶ୍ୟ ଦେଖିବାର ବ୍ୟବସ୍ଥା ହୋଇ ଯାଇଥିବ। ମୋବାଇଲ ବା ପକେଟ ରେଡ଼ିଓଟି ଦୃଶ୍ୟ-ଶ୍ରାବ୍ୟ ପାଲଟି ଯାଇଥିବ।

ଏଣୁ ଏହା ସତ୍ୟ ବୋଲି ଅନୁମିତ ହୁଏ ଯେ ମାନବସେବାରେ ଏହାକୁ ସର୍ବୋତ୍ତମ ବୋଲି ବିଚାର କରାଯାଇପାରିବ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୁତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ଜାନୁଆରୀ ୨୦

# ତାରିଖ ପରେ ତାରିଖ ଯୁଗ ଶେଷ

**ସର୍ବେଶ୍ୱର ବେହେରା**

କେନ୍ଦ୍ର ସରକାର ଫୌଜଦାରୀ ଆଇନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ କରିଛନ୍ତି । ୧୮୬୦ ମସିହାର ଭାରତୀୟ ପିଙ୍ଗଳ କୋର୍ଡ଼କୁ (ଆଇପିସି) ପରିବର୍ତ୍ତନ କରି ଭାରତୀୟ ନ୍ୟାୟ ସଂହିତା ୨୦୨୩ ପ୍ରଣୟନ କରିଛନ୍ତି । ସେହିପରି ୧୯୭୩ର ଦଣ୍ଡବିଧି ପ୍ରକ୍ରିୟା (ସିଆରପିସି) ସ୍ଥାନରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଓ ୧୮୭୨ ମସିହାର ଭାରତୀୟ ସାକ୍ଷ୍ୟ ପ୍ରମାଣ ଆଇନ ସ୍ଥାନରେ ଭାରତୀୟ ସାକ୍ଷ୍ୟ ଅଧିନିୟମ ୨୦୨୩ ପ୍ରଣୟନ କରିଛନ୍ତି । କେନ୍ଦ୍ର ସରକାର ଏହି ପରିବର୍ତ୍ତନର ପ୍ରକ୍ରିୟା ୨୦୧୯ରୁ ଆରମ୍ଭ କରିଥିଲେ । ୨୦୧୯ରେ କେନ୍ଦ୍ର ଗୃହ ମନ୍ତ୍ରାଳୟ ଏହି ସଂସ୍କାର କରିବା ପାଇଁ ଦେଶର ସମସ୍ତ ନ୍ୟାୟବ୍ୟବସ୍ଥା ଓ ପ୍ରତିଷ୍ଠିତ ବ୍ୟକ୍ତିଙ୍କଠାରୁ ପ୍ରସ୍ତାବ ମାଗିଥିଲେ । ସମସ୍ତ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରଶାସିତ ଅଞ୍ଚଳର ଲେଫ୍ଟନାଣ୍ଟ ଗଭର୍ଣ୍ଣର, ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି, ସମସ୍ତ ରାଜ୍ୟ ଉଚ୍ଚନ୍ୟାୟାଳୟ, ବାର କାଉନସିଲ ସଦସ୍ୟମାନଙ୍କ ଠାରୁ ମଧ୍ୟ ପ୍ରସ୍ତାବ ଯାଚନା କରାଯାଇଥିଲା । ୨୦୨୦ ମସିହାରେ ଏହି ସଂସ୍କାର ପାଇଁ ଏକ କମିଟି ଗଠନ କରାଯାଇଥିଲା । ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରୀୟ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ଏହାର ଅଧକ୍ଷ ଥିଲେ ।

ଏହି ସମସ୍ତ କ୍ଷେତ୍ରରୁ ୩୨୦୦ ପ୍ରସ୍ତାବ ପ୍ରେରଣ କରାଯାଇଥିଲା । ୧୮ଟି ରାଜ୍ୟରୁ, ୬ଟି କେନ୍ଦ୍ରଶାସିତ ଅଞ୍ଚଳରୁ, ସର୍ବୋଚ୍ଚ ନ୍ୟାୟାଳୟରୁ, ୧୬ଟି ଉଚ୍ଚନ୍ୟାୟାଳୟରୁ, ୨୭ଟି ବିଚାର ବିଭାଗୀୟ ପ୍ରତିଷ୍ଠାନରୁ ଏହି ପ୍ରସ୍ତାବମାନ ଆସିଥିଲା । କେତେ ଜଣ ସାଂସଦ, ପ୍ରଶାସନିକ ଅଧିକାରୀ, ପୁଲିସ ଅଧିକାରୀମାନେ ମଧ୍ୟ ପ୍ରସ୍ତାବ ପ୍ରଦାନ କରିଥିଲେ । କେନ୍ଦ୍ର ଗୃହମନ୍ତ୍ରୀ ଏଥିପାଇଁ ୧୫୦ରୁ ଊର୍ଦ୍ଧ୍ୱ ବୈଠକ ଆୟୋଜନ କରିଥିଲେ; ଯେଉଁଥିରେ ଏହି ପ୍ରସ୍ତାବଗୁଡ଼ିକ ବିଶଦ ଭାବେ ଚର୍ଚ୍ଚା ଆଲୋଚନା କରାଯାଇଥିଲା । ପରିଶେଷରେ ଏହା ସଂସଦରେ ଆଗତ ହୋଇଥିଲା । ସଂସଦର ଷ୍ଟାଣ୍ଡିଂ କମିଟି ମଧ୍ୟ ମତପ୍ରଦାନ କରିଥିଲେ । ସଂସଦର ଉଭୟ ଗୃହରେ ଏହା ସ୍ୱୀକୃତି ହୋଇସାରିଛି ।ପୂର୍ବରୁ ଭାରତୀୟ ପିଙ୍ଗଳ କୋର୍ଡ (ଆଇପିସି)ରେ ୫୧୧ଟି ଧାରା ଥିଲା । ସେ ସ୍ଥାନରେ ଏବେ ଭାରତୀୟ ନ୍ୟାୟ ସଂହିତାରେ ମାତ୍ର ୩୫୮ ଧାରା ସ୍ଥାନୀତ କରାଯାଇଛି । ଏଥିରେ ୨୦ଟି ନୂତନ ଧାରା ଯୋଡ଼ାଯାଇଛି । ୩୩ଟି ଅପରାଧରେ ଦଣ୍ଡକୁ ବୃଦ୍ଧି କରାଯାଇଛି । ସେହିପରି ୮୩ଟି ଅପରାଧରେ ଅର୍ଥଦଣ୍ଡକୁ ବୃଦ୍ଧି କରାଯାଇଛି । ୨୩ଟି ଅପରାଧରେ ସର୍ବନିମ୍ନ ଅପରାଧ ସ୍ଥାନ ପାଇଛି । ନୂତନ ଭାବେ ୬ଟି ଧାରାରେ ସମାଜ ସେବା କରିବା ପାଇଁ ଦଣ୍ଡ ପ୍ରଦାନ କରାଯାଇଛି । ୧୯ଟି ଧାରାକୁ ଉଚ୍ଛେଦ କରାଯାଇଛି ।ପୂର୍ବରୁ ସିଆରପିସିରେ ୪୮୪ଟି ଧାରା ଥିଲା । ତା' ସ୍ଥାନରେ ଭାରତୀୟ ନାଗରିକ ସୁରକ୍ଷା ସଂହିତାରେ ୫୩୧ଟି ଧାରା ସ୍ଥାନ ପାଇଛି । ସମୁଦାୟ ୧୭୭ଟି ଧାରା ପରିବର୍ତ୍ତନ କରାଯାଇଛି । ୯ଟି ନୂତନ ଧାରା ଓ ୩୯ଟି ଉପଧାରା ସ୍ଥାନ ପାଇଛି । ୪୪ଟି ଧାରାର ନୂତନ ସ୍ପଷ୍ଟୀକରଣ କରାଯାଇଛି । ୩୫ଟି ଧାରାରେ ସମୟ ନିର୍ଘଣ୍ଟ ପ୍ରଦାନ କରାଯାଇଛି । ୩୫ଟି ସ୍ଥାନରେ ଦୃଶ୍ୟଶ୍ରାବ (ଅଡ଼ିଓ-ଭିଡ଼ିଓ) ପଦ୍ଧତି ସ୍ଥାନ ପାଇଛି । ୧୪ଟି ଧାରାକୁ ଉଚ୍ଛେଦ କରାଯାଇଛି । ସେହିପରି ଭାରତୀୟ ସାକ୍ଷ୍ୟ ଅଧିନିୟମରେ ୧୭୦ଟି ଧାରା ସ୍ଥାନ ପାଇଛି । ପୂର୍ବରୁ ଏଥିରେ ୧୬୭ଟି ଧାରା ଥିଲା । ୨୪ଟି ଧାରା ଓ ୬ଟି ଉପଧାରାକୁ ନୂତନ ଭାବେ ଯୋଡ଼ାଯାଇଛି । ୬ଟି ଧାରାକୁ ଉଚ୍ଛେଦ କରାଯାଇଛି ।ବିଶେଷକରି ଭାରତୀୟ ନାଗରିକ ସୁରକ୍ଷା ସଂହିତା ପ୍ରଣୟନ ଆଇନ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ କରାଯାଇଛି । କାରଣ ପୂର୍ବରୁ ଏଥିରେ ସମୟ ନିର୍ଘଣ୍ଟ ନଥିଲା । ଫଳରେ ତାରିଖ ପରେ ତାରିଖ ହୋଇ ବର୍ଷ ବର୍ଷ ଧରି ମୋକଦ୍ଦମା ଚାଲୁଥିଲା । ଏହି ନୂତନ ଆଇନରେ ୩୫ଟି ଧାରାରେ ସମୟ ନିର୍ଘଣ୍ଟ ଧାର୍ଯ୍ୟ କରାଯାଇଛି । ଗିରଫ, ତଦନ୍ତ, ଆରୋପ ପତ୍ର (ଚାର୍ଜସିଟ) ମାମଲା ଶୁଣାଣି, ସରକାରୀ ଓକିଲ ନିଯୁକ୍ତ, ଜାମିନ, ରାୟ ପ୍ରଦାନ, କ୍ଷମା ଯାଚନା ଆଦି ୩୫ଟି କ୍ଷେତ୍ରରେ ସମୟ ନିର୍ଘଣ୍ଟ ଉଲ୍ଲେଖ କରାଯାଇଛି । ଉପଯୁକ୍ତ ସମୟ ମଧ୍ୟରେ ନ୍ୟାୟାଧୀଶମାନେ ନ୍ୟାୟ ପ୍ରଦାନ କରିବେ । ଥାନାରେ ଏତଲା ତିନିଦିନ ମଧ୍ୟରେ ପଞ୍ଜୀକୃତ ହୋଇ ଆବେଦନକାରୀଙ୍କୁ ତା'ର ନକଲ ପ୍ରଦାନ କରାଯିବ । ସେହିପରି ଡାକ୍ତରମାନେ ସାତ ଦିନ ମଧ୍ୟରେ ମାଇନା ରିପୋର୍ଟ ପ୍ରଦାନ କରିବେ । ତଦନ୍ତର ରିପୋର୍ଟ ଆବେଦନକାରୀ ଓ ହିଂସାରେ ଶିକାର ହୋଇଥିବା ବ୍ୟକ୍ତି (ଭିକ୍ଟିମ୍)ଙ୍କୁ ୯୦ଦିନ ମଧ୍ୟରେ ପ୍ରଦାନ କରାଯିବ । ଷାଠିଏ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ପ୍ରଦାନ କରାଯାଇ ବିଚାରପତିମାନେ ଦୋଷାରୋପ ସିଦ୍ଧ (ଚାର୍ଜଫ୍ରେମ) କରିବେ । କୌଣସି ମୁଦାଲା ଗିରଫ ହୋଇନଥିଲେ ମଧ୍ୟ ତା' ବିରୋଧରେ ଶୁଣାଣି କରାଯାଇ ଦଣ୍ଡିତ କରାଯିବ । ପୂର୍ବରୁ ମୁଦାଲା ଗିରଫ ହୋଇନଥିଲେ ତାରିଖ ପରେ ତାରିଖ ହୋଇ ମୋକଦ୍ଦମା ଅବିଳମ୍ବିତ ହେଉଥିଲା । ୯୦ଦିନ ମଧ୍ୟରେ ଶୁଣାଣି (ଟ୍ରାଏଲ) ଶେଷ ହେବ । ତାହାପରେ ନ୍ୟାୟାଧୀଶମାନେ ୪୫ଦିନ ମଧ୍ୟରେ ରାୟ ପ୍ରଦାନ କରିବେ । ଏହାଦ୍ୱାରା ନ୍ୟାୟ ତ୍ୱରିତ ଓ ସୁଲଭ ହୋଇପାରିବ । ଏଣୁ ଏହା ଏକ ଐତିହାସିକ ପଦକ୍ଷେପ । ବିଳମ୍ବିତ ନ୍ୟାୟ ପ୍ରତ୍ୟାକ୍ଷିତ ନ୍ୟାୟ ସଦୃଶ ।ଏହି ଆଇନରେ ମହିଳା ଓ ଶିଶୁ ଅପରାଧୀମାନଙ୍କୁ କଠୋର ଦଣ୍ଡ ବ୍ୟବସ୍ଥା କରାଯାଇଛି । ୧୮ ବର୍ଷରୁ କମ୍ ନାବାଳିକାଙ୍କୁ ଧର୍ଷଣ କଲେ ଅପରାଧୀଙ୍କୁ ଆଜୀବନ କିମ୍ବା ମୃତ୍ୟୁଦଣ୍ଡ ପ୍ରଦାନ କରାଯିବ । ଗଣଧର୍ଷଣ ମାମଲାରେ ୨୦ବର୍ଷ କିମ୍ବା ମୃତ୍ୟୁଦଣ୍ଡ ପ୍ରଦାନ କରାଯିବ ।ଦେଶର ଆଭ୍ୟନ୍ତରୀଣ ଓ ବାହ୍ୟ ସୁରକ୍ଷା ଉପରେ କଠୋର ଆଇନ ପ୍ରଣୟନ କରାଯାଇଛି । ପ୍ରଥମକରି ଆଇନରେ ଆତଙ୍କବାଦକୁ ପରିଭାଷିତ କରାଯାଇଛି । ଭାରତୀୟ ନ୍ୟାୟ ସଂହିତାର ଧାରା ୧୧୩(କ) ଅନୁସାରେ ଯେ କେହି ଭାରତର ଏକତା, ଅଖଣ୍ଡତା, ସାର୍ବଭୌମତ୍ୱ, ସୁରକ୍ଷା କିମ୍ବା ଆର୍ଥିକ ସୁରକ୍ଷା କିମ୍ବା ଭାରତର ସାର୍ବଭୌମତ୍ୱ କିମ୍ବା ଆତଙ୍କବାଦ ସାର୍ବଜନୀନ ଭାବେ ଭାରତରେ କିମ୍ବା ଭାରତ ବାହାରେ ପ୍ରଚାର କରିବେ କିମ୍ବା ବୋମା ବିସ୍ଫୋରକ ଦ୍ରବ୍ୟ, ହାନିକାରକ ଗ୍ୟାସ, ପରମାଣୁ ସହିତ ହତ୍ୟା କରିବାର ଷଡ଼ଯନ୍ତ୍ର କରିବେ କିମ୍ବା ଅର୍ଥ ତସ୍କରୀ କରିବେ ତାହା ଆତଙ୍କବାଦ ପରିସରରେ ଆସିବ । ଏହି ଆତଙ୍କବାଦ ଧାରାରେ ମୃତ୍ୟୁ କିମ୍ବା ଆଜୀବନ କାରାବାସ ଦଣ୍ଡବିଧାନ ଧାର୍ଯ୍ୟ କରାଯାଇଛି । ଏହି ଧାରାରେ କାରାବରଣ (ପାରୋଲ) ମିଳିବ ନାହିଁ । ଏଥିରେ ଯଦି କେହି ସର୍ବସାଧାରଣ ସମ୍ପତ୍ତି ଧ୍ୱଂସ କରିବେ ସେ ମଧ୍ୟ ଏହି ଧାରା ଅନ୍ତର୍ଗତ ଦଣ୍ଡନୀୟ ହେବେ ।

ଏହି ଆଇନରେ ସାମୂହିକ ହିଂସା ବା ସାଙ୍ଗଠନିକ ହିଂସା ସମ୍ବନ୍ଧରେ ମଧ୍ୟ କଠୋର ଦଣ୍ଡବିଧାନ କରାଯାଇଛି । ଯଦି ସାମୂହିକ ହିଂସା (ମବ୍ ଲିଚିଂ) ଦ୍ୱାରା କାହାର ହତ୍ୟା ହେଉଛି ତେବେ ସେହି ମୁଦାଲାମାନଙ୍କୁ ହତ୍ୟା କିମ୍ବା ଆଜୀବନ କାରାବାସ ଦଣ୍ଡପ୍ରଦାନ କରାଯିବ । ଯଦି ଏହି ଅପରାଧ ପାଇଁ କେହି ପ୍ରୋତ୍ସାହିତ କରିଥିବେ, ସେ ମଧ୍ୟ ଦଣ୍ଡିତ ହେବେ । ରାଜଦ୍ରୋହ ଧାରାକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯାଇଛି । ପୂର୍ବରୁ ଭାରତୀୟ ପିଙ୍ଗଳ ଧାରା ୧୨୪(କ)ରେ ଯଦି କେହି ସରକାରଙ୍କ ବିରୋଧରେ ଷଡ଼ଯନ୍ତ୍ର କରିବ ସେ ଦଣ୍ଡିତ ହେବ ବୋଲି ଆଇନ ଥିଲା । କିନ୍ତୁ ଏବେ ଭାରତୀୟ ନ୍ୟାୟ ସଂହିତା ଧାରା ୧୫୨ ଅନ୍ତର୍ଗତ ଯେ କେହି ଭାରତର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱ ବିରୋଧରେ ଷଡ଼ଯନ୍ତ୍ର କରିବେ ସେ ଦଣ୍ଡିତ ହେବେ । ଯେ ବିଚ୍ଛିନ୍ନତାବାଦକୁ ପ୍ରୋତ୍ସାହିତ କରିବେ କିମ୍ବା ସାର୍ବଭୌମତ୍ୱ, ଏକତା, ଅଖଣ୍ଡତାକୁ ଧମକ ଦେବେ ସେ ମଧ୍ୟ ଦଣ୍ଡନୀୟଳ ହେବେ ।

ଏହି ଆଇନରେ ଆଧୁନିକ କଳାକୌଶଳ (ଟେକ୍‌ନୋଲୋଜି) ଅବଲମ୍ବନ କରିବା ପାଇଁ ପ୍ରାବଧାନ ଅଛି । ତଦନ୍ତର ସମସ୍ତ ପଦକ୍ଷେପ ଏହି ଟେକ୍‌ନୋଲୋଜି ସହାୟତାରେ ହେବ । ସାକ୍ଷ୍ୟ ପ୍ରମାଣର ଗୁଣବତ୍ତା ବୃଦ୍ଧି ପାଇବ । ମୁଦାଲା ଓ ମୁଦେଇ ଦୁଇଜଣଙ୍କ ଅଧିକାର ସୁରକ୍ଷିତ ରହିବ । ଆଧୁନିକ କଳାକୌଶଳର ଯନ୍ତ୍ର ଦେଶର ବିଭିନ୍ନ ସ୍ଥାନରେ ନିର୍ମାଣ କରିବାକୁ ସରକାର ନିର୍ଣ୍ଣୟ ନେଇଛନ୍ତି । ପୁଲିସର କେସ୍ ଡାଏରୀ, ଚାର୍ଜସିଟ ଠାରୁ ଜଜ୍‌ମେଣ୍ଟ ପର୍ଯ୍ୟନ୍ତ ସମସ୍ତ ତଥ୍ୟ କମ୍ପ୍ୟୁଟର ଦ୍ୱାରା ଲିପିବଦ୍ଧ ହେବ । ସମସ୍ତ ପୁଲିସ ଷ୍ଟେସନ ଓ ନ୍ୟାୟାଳୟରେ ଏହା ସଂରକ୍ଷିତ ହୋଇ ରହିବ । ଯେ କୌଣସି ବ୍ୟକ୍ତି ଚାହିଁଲେ ତାହାକୁ ଅବଲୋକନ କରିପାରିବେ । ସାକ୍ଷ୍ୟ ପ୍ରମାଣ ଗ୍ରହଣ ଦୃଶ୍ୟଶ୍ରାବ୍ୟ (ଅଡ଼ିଓ, ଭିଡ଼ିଓ) ଦ୍ୱାରା ହେବ । ଅପରାଧ ଅନୁସନ୍ଧାନ ପାଇଁ ବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରାଯିବ । ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏଥିପାଇଁ ଆଧୁନିକ ଯନ୍ତ୍ର ସାମଗ୍ରୀ ଉପଲବ୍ଧ କରାଯିବ । ନେସନାଲ ଫୋରେନସିକ୍ ସାଇନ୍ସ ଏକାଡେମୀ, ପୁନା ଓ ଭୋପାଳଠାରେ କାର୍ଯ୍ୟ କରିବ ।

ସର୍ବୋପରି ଏହି ପରିବର୍ତ୍ତିତ ନୂତନ ଆଇନରେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରାଯାଇଛି । ଶତକଡ଼ା ଶହେ ଅପରାଧୀ ଯେପରି ଦଣ୍ଡ ପାଇବେ ସେଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ପାଶ୍ଚାତ୍ୟ ଓ ଆଧୁନିକ ଶୈଳୀରେ ତଦନ୍ତ, ସାକ୍ଷ୍ୟଗ୍ରହଣ ଓ ଶେଷରେ ରାୟ ପ୍ରକାଶ କରାଯିବ । ସବୁଠାରୁ ଉଲ୍ଲେଖନୀୟ ହେଉଛି ଯେ ଏବେ ନ୍ୟାୟ ବ୍ୟବସ୍ଥା ସରଳ, ସୁଲଭ ଓ ତ୍ୱରିତ ହେବ ।

ଆଡ଼ଭୋକେଟ
ଖଟବିନସାହି, କଟକ
ମୋ-୯୪୩୭୦୧୬୩୮୪

# କେକେ ନାୟାର ଓ ଶ୍ରୀରାମ ଜନ୍ମଭୂମି

**ଭୁବନାନନ୍ଦ ତ୍ରିପାଠୀ**

ଆସନ୍ତୁ ଆଜି ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ସମୟରେ ଶ୍ରୀଯୁକ୍ତ କେକେ ନାୟାରଙ୍କୁ ମନେ ପକାଇବା, ଯେକି ଅଯୋଧ୍ୟାର ପବିତ୍ର ରାମ ଜନ୍ମଭୂମିର ଭୂଖଣ୍ଡକୁ ହିନ୍ଦୁ ସମାଜ ହାତରେ ଅର୍ପଣ କରିବା ଦିଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କଣ୍ଡାନଗାଲମ କରୁଣାକରନ ନାୟାର (କେକେ ନାୟାର) ଙ୍କ ଜନ୍ମ କେରଳ ପ୍ରଦେଶର ଆଲାପୂଜା ଜିଲ୍ଲାର ଗୁ ।କାଡୁ ନାମକ ଏକ କ୍ଷୁଦ୍ର ଗ୍ରାମରେ ୧୯୦୭ ମସିହା ସେପ୍ଟେମ୍ବର ୭ ତାରିଖରେ ହୋଇଥିଲା। ୨୧ବର୍ଷ ବୟସରେ ସେ ଇଂଲଣ୍ଡ ଯାଇ ବାରିଷ୍ଟରୀ ଶିକ୍ଷା ହାସଲ କରିବା ସହିତ ଆଇ.ସି.ଏସ୍. ପରୀକ୍ଷାରେ ଉ ୀର୍ଣ୍ଣ ହୋଇଭାରତବର୍ଷକୁ ପ୍ରତ୍ୟାବ ିନ କରିଥିଲେ। ପ୍ରଥମ କିଛି ବର୍ଷ କେରଳ ପ୍ରଦେଶରେ ଚାକିରୀ କରିବା ସମୟରେ ସେ ନିଜର ସେବାଭାବ ଏବଂ ସତ୍ୟନିଷ୍ଠା ପାଇଁ ସୁନାମ ଅର୍ଜନ କରିଥିଲେ। ସେ ଜନତାର ସେବକ ଭାବେ ନିଜର ପରିଚୟ ସୃଷ୍ଟି କରିଥିଲେ। ୧୯୪୫ ମସିହାରେ ସେ ଉ ର ପ୍ରଦେଶରେ ଅଫିସର ପଦରେ ଅବସ୍ଥାପିତ ହୋଇଥିଲେ। ବିଭିନ୍ନ ପଦରେ କାର୍ଯ୍ୟ କରି ୧ଜୁନ୍ ୧୯୪୯ ମସିହାରେ ସେ ଫୈଜାବାଦ ଜିଲ୍ଲାର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ପଦରେ ଯୋଗଦେଇଥିଲେ। ସେହି ସମୟରେ ଅଯୋଧ୍ୟାର ରାମ ଜନ୍ମଭୂମିଠାରେ ହଠାତ୍ ରାମଲାଲାଙ୍କର ଆବିର୍ଭାବ ହୋଇଥିଲା ଏବଂ ଏ ଖବର ପାଇ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଏ ଘଟଣାର ଯା କରି ଏକ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟର ମୁଖ୍ୟମନ୍ତ୍ରୀ ଗୋବିନ୍ଦବଲ୍ଲଭ ପନ୍ଥ ଜିଲ୍ଲାର ମୁଖ୍ୟ କେକେ ନାୟାରଙ୍କୁ ଏ କାର୍ଯ୍ୟର ସମ୍ପାଦନ ପାଇଁ ଆଦେଶ ଦେଲେ। ଶ୍ରୀ ନାୟାର ଏହି ତଦନ୍ତର ଭାର ସ୍ଥାନୀୟ ଅଧିକାରୀ ଶ୍ରୀ ଗୁରୁଦ ସିଂହଙ୍କ ଉପରେ ନ୍ୟସ୍ତ କରିଥିଲେ। ଶ୍ରୀ ସିଂହ ଏ ସଂପର୍କରେ ତଦନ୍ତ କରି ଏକ ବିଷଦ ବିବରଣୀ ଦେଇ ଜଣାଇଲେ ଯେ ହିନ୍ଦୁ ସମାଜ ଅଯୋଧ୍ୟାକୁ ପ୍ରଭୁ ଶ୍ରୀରାମଙ୍କ ଜନ୍ମସ୍ଥାନ ଭାବେ ପୂଜା କରିଆସୁଛନ୍ତି। ମାତ୍ର ମୁସଲିମ୍ ସମାଜ ସେହି ସ୍ଥାନରେ ଏକ ମସଜିଦ୍ ଅଛି ଦାବୀକରି ବିବାଦ ସୃଷ୍ଟି କରୁଛି। ଶ୍ରୀ ସିଂହ ତାଙ୍କ ରିପୋର୍ଟରେ ସ୍ପଷ୍ଟଭାବେ ଜଣାଇଥିଲେ ଯେ ଏହି ସ୍ଥାନରେ ପ୍ରକୃତରେ ଏକ ହିନ୍ଦୁ ମନ୍ଦିର ରହିଛି। ପରିଶେଷରେ ଶ୍ରୀ ସିଂହ ମତବ୍ୟକ୍ତ କରିଥିଲେ ଯେ ଉକ୍ତ ସ୍ଥାନରେ ଗୋଟିଏ ଭବ୍ୟ ମନ୍ଦିର ନିର୍ମାଣ କରିବା ପାଇଁ ସରକାରଙ୍କ ତରଫରୁ ଜମି ଯୋଗାଇଦେବା ଦରକାର ଏବଂ ମୁସଲିମମାନଙ୍କୁ ସେ ସ୍ଥାନରେ ପ୍ରବେଶ ନିଷେଧ କରାଯିବା ଉଚିତ୍ ହେବ।

ଶ୍ରୀ ସିଂହଙ୍କ ରିପୋର୍ଟ ଅନୁଯାୟୀ ଶ୍ରୀ ନାୟାର ଏକ ସରକାରୀ ଆଦେଶ ଜାରି କଲେ ଯେ, ଜନ୍ମଭୂମି ଠାରୁ ୫୦୦ମିଟର ପର୍ଯ୍ୟନ୍ତ ଭୂମିରେ ମୁସଲିମମାନେ ପ୍ରବେଶ କରିପାରିବେ ନାହିଁ। ପ୍ରକୃତ ପକ୍ଷେ ଶ୍ରୀ ନାୟାରଙ୍କ ଏହି ଆଦେଶକୁ ଜିଲ୍ଲାର ପରବର୍ତ୍ତୀ ଅଧିକାରୀ ବୃନ୍ଦ କିମ୍ବା ରାଜ୍ୟର ବିଚାରାଳୟ ଦ୍ୱାରା ଶେଷ ପର୍ଯ୍ୟନ୍ତ ହଟାଯାଇ ପାରିନଥିଲା। ଶ୍ରୀ ନାୟାରଙ୍କ ଏହି ନିଷ୍ପ ି ବିଷୟରେ ଅବଗତ ହେବା ପରେ ନେହେରୁ କ୍ରୋଧରେ ପାଚିଯାଇଥିଲେ। ସେ ଚାହୁଁଥିଲେ ରାଜ୍ୟ ସରକାର ଏ ବିଷୟରେ ତୁରନ୍ତ ହସ୍ତକ୍ଷେପ କରି, ରାମଲାଲାଙ୍କ ମୂ ିକୁ ସେହି ସ୍ଥାନରୁ ହଟାଇ ଦେଉ ଏବଂ ସେହି ସ୍ଥାନରେ ହିନ୍ଦୁମାନଙ୍କର ପ୍ରବେଶ ବନ୍ଦ କରୁ। ନେହେରୁଙ୍କ ଆଦେଶକୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳଙ୍କୁ ଜଣାଇଦେଲେ ଏବଂ ଶିଘ୍ର କାର୍ଯ୍ୟକାରୀ କରିବା ପାଇଁ ଆଦେଶ ଦେଲେ। ଶ୍ରୀ ନାୟାର ମୁଖ୍ୟମନ୍ତ୍ରୀଙ୍କ ଆଦେଶର ଅବଜ୍ଞା କରିବା ସହିତ ଅନ୍ୟ ଏକ ନିର୍ଦ୍ଦେଶ ଦେଲେ କି ରାମଲାଲାଙ୍କ ଦୈନନ୍ଦିନ ପୂଜା ବିଧିର ପ୍ରାରମ୍ଭ କରାଯାଉ। ଏହା ସହିତ ଜଣାଇଦେଲେ ଯେ ପୂଜା ଜନିତ ସମସ୍ତ ଖର୍ଚ୍ଚ ତଥା ପୂଜାରୀଙ୍କ ଦରମା ସରକାରୀ ପାଣ୍ଠିରୁ ବ୍ୟୟ କରାଯିବ। ଶ୍ରୀ ନାୟାରଙ୍କ ଏହି ଦୁଃସାହସ ଦେଖି ପ୍ରଧାନମନ୍ତ୍ରୀ ଶ୍ରୀ ନେହେରୁ ତାଙ୍କୁ ଚାକିରୀରୁ ବରଖାସ୍ତ କରିବା ପାଇଁ ଆଦେଶ ଦେଲେ। ପ୍ରଧାନମନ୍ତ୍ରୀଙ୍କ ଆଦେଶ ବିରୁଦ୍ଧରେ ଶ୍ରୀ ନାୟାର ଆଲ୍ଲାବାହଦ ହାଇକୋର୍ଟରେ ଏକ ଅପିଲ ଦାଖଲ କରିଥିଲେ ଏବଂ ନିଜେ ନିଜର କେସ୍ ଲଢ଼ି ବିଜୟ ଲାଭ କରିଥିଲେ। କୋର୍ଟର ନିଷ୍ପ ି ଥିଲା ଯେ ଶ୍ରୀ ନାୟାରଙ୍କୁ ତୁରନ୍ତ ନିଜ ପଦରେ ଅବସ୍ଥାପିତ କରାଯିବ ଏବଂ ଫୈଜାବାଦରେ ଜିଲ୍ଲାପାଳ ପଦରେ ନିଯୁକ୍ତି ଦିଆଯିବ। ଏହି କୋର୍ଟ ଆଦେଶ ପ୍ରଧାନମନ୍ତ୍ରୀଙ୍କ ପାଇଁ ଏକ ବିରାଟ ଧକ୍କା ସଦୃଶ ଥିଲା। ଏ ସମସ୍ତ ଘଟଣାକୁ ହୃଦୟଙ୍ଗମ କରି ଆଯୋଧ୍ୟବାସୀ ଆବାଳ ବୃଦ୍ଧ ବନିତା ଶ୍ରୀଯୁକ୍ତ ନାୟାରଙ୍କର ଦୃଢ଼ ସମର୍ଥକ ପାଲଟିଯାଇଥିଲେ ଏବଂ ତାଙ୍କୁ ଅଯୋଧ୍ୟାରୁ



ଆଗାମୀ ନିର୍ବାଚନରେ ବିଧାନସଭା ପ୍ରାର୍ଥୀ ହେବାପାଇଁ ଅନୁରୋଧ କରିଥିଲେ।

ଶ୍ରୀ ନାୟାର ଜଣେ ସରକାରୀ ଚାକିରିଆ ହୋଇଥିବାରୁ ନିର୍ବାଚନରେ ଭାଗ ନେଲେ ଆଇନର ଉଲଙ୍ଘନ ହେବ ବୋଲି ଜଣାଇବା ସଙ୍ଗେ ସଙ୍ଗେ ନିଜ ଧର୍ମପତ୍ନୀ ଶ୍ରୀମତୀ ଶକୁନ୍ତଳା ନାୟାରଙ୍କ ପ୍ରାର୍ଥୀପତ୍ର ପ୍ରସ୍ତାବରେ ସମ୍ମତ ହୋଇଥିଲେ। ୧୯୫୨ ମସିହାର ନିର୍ବାଚନରେ ଶ୍ରୀମତୀ ନାୟାର ଅଯୋଧ୍ୟାରୁ ପ୍ରାର୍ଥୀଭାବେ ଠିଆ ହୋଇ ସାରା ଦେଶରେ କଂଗ୍ରେସ ଦଳର ଲହର ଚାଲିଥିବାବେଳେ ଏକମାତ୍ର ଅଣ-କଂଗ୍ରେସ ପ୍ରାର୍ଥୀ ହୋଇ ଭଲ ବ୍ୟବଧାନ ରଖି ଅଯୋଧ୍ୟାରୁ ଜୟଯୁକ୍ତ ହୋଇଥିଲେ। ପରବ ୀ ସମୟରେ ଶ୍ରୀମତୀ ନାୟାର ଭାରତୀୟ ଜନସଂଘ ଦଳରେ ଯୋଗଦେଇଥିଲେ ଏବଂ ଉ ର ପ୍ରଦେଶ ରାଜ୍ୟରେ ଦଳର ବିସ୍ତାର ପାଇଁ ଲାଗିପଡ଼ିଥିଲେ। ଶ୍ରୀମତୀ ନାୟାରଙ୍କ ବିଜୟ ପରେ କଂଗ୍ରେସ ଦଳ ଶ୍ରୀ ନାୟାରଙ୍କ ଉପରେ ବିଭିନ୍ନ ପ୍ରକାର ଚାପ ପ୍ରୟୋଗ କରିବାରୁ ସେ ନିଜ ଚାକିରୀରୁ ଇସ୍ତଫା ଦେଇ ଆଲ୍ଲାହାବାଦ ହାଇକୋର୍ଟରେ ଓକିଲାତି ଆରମ୍ଭ କରିଥିଲେ। ୧୯୬୨ ମସିହାରେ ଅନୁଷ୍ଠିତ ନିର୍ବାଚନ ରେ ଭାଗନେବା ପାଇଁ ସେ ଅ ଳରେ ଜନତା ଶ୍ରୀଯୁକ୍ତ ନାୟାର ତଥା ତାଙ୍କ ଶ୍ରୀମତୀଙ୍କୁ ମନାଇଥିଲେ। ନିର୍ବାଚନ ସଭାଗୁଡ଼ିକରେ ନାୟାର ଦମ୍ପ ି ଅଯୋଧ୍ୟାରେ ରାମ ମନ୍ଦିର ପ୍ରସଙ୍ଗକୁ ଉତ୍ଥାପନ ତଥ୍ୟପୂର୍ଣ୍ଣ ସହିତ କରୁଥିଲେ ଏବଂ ଜନତାର ପ୍ରବଳ ସମର୍ଥନ ପ୍ରାପ୍ତ ହୋଇ ଯଥାକ୍ରମେ ବାହାରିଚ୍ ଏବଂ କାଇଜରଗ ନିର୍ବାଚନ ମଣ୍ଡଳୀରୁ ବିପୁଳ ଭୋଟରେ ଜୟଯୁକ୍ତ ହୋଇଥିଲେ। ଏହା ସେ ସମୟର ଏକ ଐତିହାସିକ ବିଜୟ ଥିଲା। ଶ୍ରୀ ନାୟାରଙ୍କ ଲୋକପ୍ରିୟତା ଏତେ ଦୂର ଥିଲା ଯେ ତାଙ୍କର ଡ୍ରାଇଭର ମଧ୍ୟ ରାଜ୍ୟ ବିଧାନସଭାର ଫଇସଲାବାଦ ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ ଏବଂ ତାଙ୍କରି ପ୍ରଭାବରୁ ଅଯୋଧ୍ୟାର ଉଭୟ ବିଧାନ ସଭା ଏବଂ ଲୋକସଭା ସିଟ୍‌ରୁ ବିଜେପି ଦଳର ପ୍ରାର୍ଥୀ ଲାଗ ଲାଗ ଜୟଯୁକ୍ତ ହୋଇଥିଲେ। ପରବ ୀ କାଳରେ ଇନ୍ଦିରା ଗାନ୍ଧୀଙ୍କ ଶାସନ କାଳରେ ଦେଶରେ ଜରୁରୀ ପରିସ୍ଥିତି ଲାଗୁ ହୋଇଥିବା ସମୟରେ ସେ ନାୟାର ଦମ୍ପ ିଙ୍କୁ ବନ୍ଦୀ କରି ଜେଲରେ ରଖିଥିଲେ। ମାତ୍ର ଅଯୋଧ୍ୟାବାସୀଙ୍କ ଦୃଢ଼ ଜନ ଅସନ୍ତୋଷର ସାମନା କରି ନପାରି ଶ୍ରୀମତୀ ଗାନ୍ଧୀ ନାୟାର ଦମ୍ପତିଙ୍କୁ ଅଳ୍ପ ଦିନପରେ ଜେଲରୁ ମୁକ୍ତ କରିଦେଇଥିଲେ। ଶ୍ରୀ ନାୟାର ଅଯୋଧ୍ୟା ପ୍ରତ୍ୟାବ ିନ କରି ଜନ ସେବାରେ ପୂର୍ବପରି ନିୟୋଜିତ ରହିଥିଲେ।

ଦେଶ ସ୍ୱାଧୀନତା ପରେ ଅଯୋଧ୍ୟା ସମସ୍ୟାର ସମାଧାନ ସୂତ୍ର ପ୍ରଥମେ ଶ୍ରୀ ନାୟାରଙ୍କ ଦ୍ୱାରା ବାହାର କରାଯାଇଥିଲା ଏବଂ ଉକ୍ତ ଆଦେଶର ପ୍ରଭାବ ଏତେ ତର୍କ ସଙ୍ଗତ ଥିଲା ଯେ ତାହା ଏବେ ପଯ୍ୟନ୍ତ ବଳବ ର ରହିଥିଲା। ରାମଲାଲାଙ୍କ ପୂଜାବିଧି ଆଜିସୁଦ୍ଧା ତାଙ୍କରି ଆଦେଶ ବଳରେ ଚାଲିଆସିଛି। ୧୯୭୬ ମସିହାରେ ଶ୍ରୀ ନାୟାର କେରଳ ପ୍ରଦେଶ ସ୍ଥିତ ନିଜ ଜନ୍ମଭୂମିକୁ ଫେରି ଯିବା ପାଇଁ ଇଚ୍ଛା କଲେ। ସ୍ଥାନୀୟ ଲୋକଙ୍କ ଇଚ୍ଛା ଥିଲା ଯେ ଶ୍ରୀ ନାୟାର ସେ ଶେଷ ପର୍ଯ୍ୟନ୍ତ ଅଯୋଧ୍ୟାରେ ରୁହନ୍ତୁ। ମାତ୍ର ଲୋକମାନଙ୍କୁ ବୁଝାସୁଝା କରି ସେ କେରଳ ଚାଲି ଯାଇଥିଲେ। ୧୯୭୭ ମସିହା ସେପ୍ଟେମ୍ବର ମାସ ୭ତାରିଖ ଦିନ ଶ୍ରୀ ନାୟାର ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପଦ୍ମପାଦରେ ଶରଣ ନେଇ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ଭାଗ ନେବାପାଇଁ ଅଯୋଧ୍ୟାରୁ ଏକ ବଡ଼ ଗୋଷ୍ଠୀ କେରଳ ପହ ୍ ଥିଲେ ଏବଂ ତାଙ୍କ ଚିତାଭସ୍ମ ଆଣି ଅଯୋଧ୍ୟାର ପବିତ୍ର ସରଯୁ ନଦୀରେ ବିସର୍ଜନ କରିଥିଲେ। ଏହିପରି ଭାବେ ସେତେବେଳେ ଅଯୋଧ୍ୟାରେ ଜନତା ଜଣେ ସଚ୍ଚା ରାମଭକ୍ତଙ୍କୁ ଉଚିତ୍ ସମ୍ମାନ ପ୍ରଦର୍ଶିତ କରିଥିଲେ। ଉପରୋକ୍ତ ଘଟଣା ସୂଚାଇ ଦିଏ ଯେ, ରାମ ଜନ୍ମଭୂମିର ଉଦ୍ଧାର ପାଇଁ ଶ୍ରୀ ନାୟାରଙ୍କ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ତାଙ୍କର ଏହି ମହତ କାର୍ଯ୍ୟ ପାଇଁ ସମଗ୍ର ହିନ୍ଦୁ ସମାଜ ଆଜି ତାଙ୍କୁ ଆଦର ଓ ସମ୍ମାନ ସହିତ ସ୍ମରଣ କରୁଛି। ଶ୍ରୀ ନାୟାରଙ୍କ ମୃତ୍ୟୁପରେ ତାଙ୍କ ଜନ୍ମମାଟିରେ ବିଶ୍ୱ ହିନ୍ଦୁ ପରିଷଦ ଏକ ସୁନ୍ଦର ସ୍ମାରକୀ ନିର୍ମାଣ କରିଛି ଏବଂ ଏଥିପାଇଁ ଏକ ଟ୍ରଷ୍ଟ ଗଠନ କରାଯାଇଛି। ଏହି ଟ୍ରଷ୍ଟ ମାଧ୍ୟମରେ ମେଧାବୀ ଛାତ୍ରମାନଙ୍କୁ ଆଇ.ଏ.ଏସ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ଲାଗି ଛାତ୍ରବୃ ି ଏବଂ ପ୍ରଶିକ୍ଷଣ ଯୋଗାଇ ଦିଆଯାଉଛି। ଧନ୍ୟ ତୁମେ କରୁଣାକରନ ନାୟାର ଧନ୍ୟ ତୁମ ମାତା ପିତା। ଆମ ଦେଶ ତୁମକୁ ଚିରକାଳ ପାଇଁ ଜଣେ ପ୍ରଥମ ଧାଡ଼ିର ରାମଭକ୍ତ ଭାବେ ଉଚ୍ଚ ସ୍ଥାନ ଦେଇଆସୁଥିବ।

୦୨, ଜ୍ୟୋତି ଏନ୍‌କ୍ଲେଭ
ଲକ୍ଷ୍ମୀ ବିହାର, ସୈନିକ ସ୍କୁଲ
ଭୁବନେଶ୍ୱର-୭୫୧୦୦୫
ମୋ.-୮୮୯୫୫୨୩୫୬୧

# ପ୍ରଣମ୍ୟ ଅଯୋଧ୍ୟା ପତି ଶ୍ରୀରାମ

**ଯୋଗୀ ଗଣେଶ୍ୱର**

ଦଶ ଅବତାର ବର୍ଣ୍ଣନା ଅନୁସାରେ ବିଷ୍ଣୁଙ୍କର ମତ୍ସ୍ୟ ଓ କଚ୍ଛପ ଅବତାର ବ୍ରହ୍ମାଣ୍ଡ ନିର୍ମାଣ ନିମନ୍ତେ ଉଦ୍ଦିଷ୍ଟ ଥିଲା । ପ୍ରବଳ ପରାକ୍ରମୀ ଦୈତ୍ୟ ହିରଣ୍ୟାକ୍ଷ ହିରଣ୍ୟକଶିପୁ ଦୁଇଭ୍ରାତାଙ୍କର ନିଧନ ନିମନ୍ତେ ପ୍ରଭୁ ବରାହ ଓ ନୃସିଂହ ଅବତାରରେ ଅବତୀର୍ଣ୍ଣ ହୋଇଥିଲେ। ଦୈତ୍ୟରାଜ ବିରୋଚନଙ୍କର ପୁତ୍ର ତଥା ଭକ୍ତ ପ୍ରହ୍ଲାଦଙ୍କର ପୌତ୍ର ବଳିଙ୍କର ଦର୍ପ ଚୂର୍ଣ୍ଣ ନିମନ୍ତେ ପଞ୍ଚମରେ ପ୍ରଭୁ ବାମନ ରୂପ ଧାରଣ କରିଥିଲେ। ସତର ଲକ୍ଷ ଅଠେଇଶ ହଜାର ଦୈବୀବର୍ଷ ପରେ ସତ୍ୟଯୁଗ ସମାପ୍ତ ହେଲା। ସତ୍ୟଯୁଗରେ ମହାବିଷ୍ଣୁ ପାଞ୍ଚ ଥର ଅବତାର ଗ୍ରହଣ କରିଥିଲେ। ଯୁଗ ବେଭାର ଅନୁସାରେ ସତ୍ୟଯୁଗ ପରେ ତ୍ରେତା ଯୁଗ ଆରମ୍ଭ ହେଲା। କ୍ଷତ୍ରିୟ ରାଜାମାନେ ଧର୍ମପଥ ହୁଡ଼ି ସାଧାରଣ ପ୍ରଜାଙ୍କୁ ଶୋଷଣ କଷଣ ଦେଲେ। ବେଦନୀତିକୁ ଭୃକ୍ଷେପ ନ କରି ନିଜ ଇଚ୍ଛାମତେ ଶାସନ ଚଳାଇଲେ। କ୍ଷତ୍ରିୟ ରାଜାଙ୍କର ଦର୍ପ ଚୂର୍ଣ୍ଣ ନିମନ୍ତେ ଷଷ୍ଠରେ ବିଷ୍ଣୁ ଭୃଗୁପତି ପର୍ଶୁରାମ ରୂପ ଧାରଣ କଲେ। ଅହଂକାରୀ କ୍ଷତ୍ରିୟ ରାଜାମାନଙ୍କୁ ନିଧନ କରି ଧରଣୀ ମାତାଙ୍କୁ ଶାନ୍ତ କଲେ। ଏହାର ସହସ୍ର ବର୍ଷ ପରେ ବିଶ୍ରବା ଋଷିଙ୍କ ଔରସରୁ ରାବଣ ଜନ୍ମ ହୋଇଥିଲେ। ରାବଣ ବିଷ୍ଣୁଦ୍ରୋହୀ ଅସୁର ସ୍ୱଭାବର ଥିଲେ। ଶିବ ଓ ବିଷ୍ଣୁଙ୍କୁ ଭିନ୍ନ ଦୃଷ୍ଟିରେ ଦେଖୁଥିଲେ। ସ୍ୱର୍ଗର ଅଧିପତି ହେବା ପାଇଁ ଇନ୍ଦ୍ରାଦି ଦେବଗଣଙ୍କୁ ବାରମ୍ବାର ଆକ୍ରମଣ କରୁଥିଲେ। ଭୟଭୀତ ଦେବଗଣ ବିଷ୍ଣୁଙ୍କୁ ଆର୍ତ୍ତରେ ଡାକିଲେ। ଦେବତାଙ୍କର ପ୍ରାର୍ଥନା ଶ୍ରବଣ କରି ବିଷ୍ଣୁ ସପ୍ତମରେ ଶ୍ରୀରାମ ରୂପ ଧାରଣ କଲେ। ଅଯୋଧ୍ୟାର ରାଜା ଦଶରଥ ଓ ରାଣୀ କୌଶଲ୍ୟାଙ୍କ ଔରସରୁ ଚୈତ୍ରମାସ ଶୁକ୍ଳପକ୍ଷ ନବମୀ ତିଥିରେ ପ୍ରକଟ ହୋଇଥିଲେ। ସପ୍ତମ ଅବତାରରେ ବିଷ୍ଣୁଙ୍କର ପୂର୍ଣ୍ଣାଙ୍ଗ ଧନୁର୍ଦ୍ଧର ଶ୍ରୀରାମ ରୂପ ଚିର ସ୍ମରଣୀୟ ହୋଇ ରହିବ। ଲୀଳାଚ୍ଛଳରେ ରାବଣ ସହିତେ ତାହାର ଅନୁଗତଙ୍କୁ ନିପାତ କଲେ। ପୁନର୍ବାର ଜଗତରେ ଶାନ୍ତି ମୈତ୍ରୀ ପ୍ରତିଷ୍ଠା କଲେ। ଜଗତଜନଙ୍କୁ ଅହିଂସା, ସତ୍ୟ ରକ୍ଷା,ଏକ ପତ୍ନୀ



ବ୍ରତ,ସଂଯମତା ଆଦି ପୁରୁଷାର୍ଥ ଦୀକ୍ଷା ଦେଇ ପୁରୁଷୋତ୍ତମ ଶ୍ରୀରାମ ନାମରେ ଖ୍ୟାତ ହୋଇଥିଲେ।

ରାବଣ ବିଦ୍ୱାନ ଋଷିପୁତ୍ର ଥିଲେ। ତତ୍ତ୍ୱ ଅନୁସାରେ ତ୍ରେତା ଯୁଗର ବିଷ୍ଣୁପ୍ରେମୀଙ୍କୁ ମୋକ୍ଷ ପ୍ରଦାନ କରିବା, ଅସୁର କୁଳକୁ ସଂହାରି ସତ୍ୟର ପୁନଃ ପ୍ରତିଷ୍ଠା କରିବା ଦିଗରେ ମହାନ ସଙ୍ଗୀତଜ୍ଞ ଓ ପରମ ଶିବଭକ୍ତ ରାବଣ ଇଚ୍ଛା କରୁଥିଲେ। ବିଷ୍ଣୁଙ୍କର ଅବତରୀ ରୂପ ଦର୍ଶନ ନିମନ୍ତେ ବ୍ୟାକୁଳ ପ୍ରାଣରେ ଆହ୍ୱାନ କରିଥିଲେ। ଶ୍ରୀରାମଙ୍କ ଆବିର୍ଭାବ ପରେ ଉଦ୍‌ଭ୍ରାନ୍ତ ଆଚରଣରେ ଶତ୍ରୁତା ସୃଷ୍ଟି କରିଥିଲେ। ଲକ୍ଷ୍ୟ ଥିଲା ରାମବାଣରେ ନିହତ ହୋଇ ନିର୍ବାଣ ପ୍ରାପ୍ତ ହେବେ। ଶେଷରେ ତାହା ହିଁ ହେଲା। ଯୁଦ୍ଧରେ ଶ୍ରୀରାମଙ୍କ ଧନୁର୍ବାଣରେ ଧରାଶାୟୀ ହୋଇ ଦିବ୍ୟ ଦର୍ଶନ ପୂର୍ବକ ନିର୍ବାଣ ପ୍ରାପ୍ତ ହେଲେ । ଦସ୍ୟୁ ରତ୍ନାକର ପଥଚାରୀଙ୍କୁ ହତ୍ୟା କରି ଲୁଣ୍ଠନ କରୁଥିଲେ। ପାପ ଭାରାରେ ଶରୀର ଦିନୁଦିନ ଖୀନ୍ନ ହେଉଥିଲା। ଜଣେ ସାଧୁ ବାଟୋଇ ଚେତାଇ ଦେଲେ ଯେ ପାପର ଫଳ ଜନ୍ମ ଜନ୍ମାନ୍ତରେ ଭୋଗ କରିବ। ପାପମୋଚନ ନିମନ୍ତେ ଦସ୍ୟୁ ବୃତ୍ତି ଛାଡ଼ି ରାମ ନାମ ଜପ କର। ଅନୁତାପର ଅଶ୍ରୁ ଢାଳି ଦସ୍ୟୁ ରତ୍ନାକର ପ୍ରଭୁ ଶ୍ରୀରାମଙ୍କ ନାମ ଜପ କଲେ। ନାମ ଜପ ଦ୍ୱାରା ତାଙ୍କର ସମସ୍ତ ପାପମୋଚନ ହୋଇଗଲା। ପରବର୍ତ୍ତୀ କାଳରେ ସେହି ବ୍ୟାକୁଳିତ ଚିତ୍‌ସତ୍ତା ମହର୍ଷି ବାଲ୍ମିକୀ ପାଲଟିଗଲେ। ଶ୍ରୀରାମଙ୍କ ଦିବ୍ୟଚରିତ ବ୍ୟାଖ୍ୟାନ କରି ରାମାୟଣ ଗ୍ରନ୍ଥ ରଚନା କଲେ। ନିନ୍ଦନୀୟ ଦସ୍ୟୁରୁ ପୂଜନୀୟ ମହର୍ଷି ହୋଇଗଲେ। ଭ୍ରାତୃ ପ୍ରେମରେ ଉଦ୍‌ବୁଦ୍ଧ ଲକ୍ଷ୍ମଣ ଚଉଦ ବର୍ଷ ବନବାସ କାଳରେ ନିଜ ଜୀବନକୁ ତିଳତିଳ ଦଗ୍ଧ କରି ଭାଇ ଭାଉଜଙ୍କ ସେବାରେ ବ୍ରତୀ ରହିଲେ। ରାଜଭୋଗ ତ୍ୟାଗ କରି ଶ୍ରୀରାମଙ୍କ ପୟର ସେବାରେ ନିୟୋଜିତ ହେଲେ। ଭ୍ରାତା ଶ୍ରୀରାମଙ୍କ ନିର୍ଦ୍ଦେଶ ପାଳନ କରିବାରେ ଲକ୍ଷ୍ମଣ ଧୁରନ୍ଧର ଥିଲେ। ଶ୍ରୀରାମଙ୍କ କୃପାରୁ ଯୁଗ ଯୁଗ ଧରି ମାତା ସୀତା ଓ ଶ୍ରୀରାମଙ୍କ ସହିତେ ଲକ୍ଷ୍ମଣ ପୂଜା ପାଇଲେ। ଅଶିକ୍ଷିତା ଭିଲ୍ କନ୍ୟା ଶବରୀ। ସାଂପ୍ରଦାୟିକ ଦଙ୍ଗାରେ ପିତା ମାତା ମୃତ୍ୟୁ ମୁଖରେ ପଡ଼ିଲେ। ନାବାଳିକା ବୟସରେ ବେସାହାରା ଶବରୀ ବଣରେ ଏକାକି ବୁଲୁଥିଲେ। ମାତଙ୍ଗ ଋଷିଙ୍କ ପରାମର୍ଶରେ ମୋକ୍ଷଦାତା ଶ୍ରୀରାମଙ୍କ ଦର୍ଶନ ନିମନ୍ତେ ଏକ ପତ୍ର କୁଡ଼ିଆରେ ପ୍ରତୀକ୍ଷା କଲେ। ସକାଳ ପାହିଲେ ଜଙ୍ଗଲରୁ ସୁସ୍ୱାଦୁ ଫଳ,ସୁନ୍ଦର ସୁଗନ୍ଧିତ ଫୁଲ ସଂଗ୍ରହ କରି ପ୍ରଭୁଙ୍କୁ ଶ୍ରୀରାମଙ୍କୁ ଅର୍ପଣ କରିବା ପାଇଁ ଚାହିଁ ବସୁଥିଲେ। ନାବାଳିକାରୁ ବୁଢ଼ି ହୋଇଗଲେ। ଧୈର୍ଯ୍ୟ ଓ ବିଶ୍ୱାସରେ ସାମାନ୍ୟ ମାତ୍ର ମଳିନତା ନ ଥିଲା। ଶେଷରେ ଶ୍ରୀରାମ ପତ୍ର କୁଡ଼ିଆରେ ଶବରୀଙ୍କୁ ଦର୍ଶନ ଦେଲେ। ଶ୍ରୀରାମଙ୍କ ହସ୍ତ ସ୍ପର୍ଶରେ ଶବରୀ ମୋକ୍ଷ ପ୍ରାପ୍ତ ହେଲେ । ଭଗବାନ ଶ୍ରୀରାମଙ୍କ ପ୍ରତି ରାବଣ ଭ୍ରାତା ବିଭୀଷଣଙ୍କର ଚୋରା ପ୍ରେମ ତାଙ୍କୁ ଅମର କରି ଦେଇଛି। ଲଙ୍କାର ରାଜା ଓ ପ୍ରଜା ସମସ୍ତଙ୍କର ଶ୍ରୀରାମଙ୍କ ପ୍ରତି ଶତ୍ରୁ ଭାବ ଥିବା ବେଳେ ବିଭୀଷଣ ପ୍ରଭୁଙ୍କୁ ରାତ୍ର ଅର୍ଦ୍ଧରେ ଝୁରି ଝୁରି ଚକ୍ଷୁରୁ ଲୋତକ ଝରାଉ ଥିଲେ। ନିଜ ବାସଭବନର ଗୁପ୍ତ ସ୍ଥାନରେ ଶ୍ରୀରାମଙ୍କ ଚିତ୍ର ଆଙ୍କି ସମର୍ପିତ ପ୍ରାଣରେ ପୁନଃ ପୁନଃ ପ୍ରଣାମ କରୁଥିଲେ। ଶେଷରେ ଲଙ୍କା ତ୍ୟାଗ କରି ଶ୍ରୀରାମଙ୍କ ଶରଣ ନେଲେ। କେଉଁ ଅସ୍ତ୍ରରେ ରାବଣ କିପରି ନିହତ ହେବ ଶ୍ରୀରାମଙ୍କୁ ଉପାୟ କହିଦେଲେ। ଯୁଦ୍ଧ ଅନ୍ତେ ଲଙ୍କାର ରାଜା ହୋଇଥିଲେ ମଧ୍ୟ ଚିତ୍ତ ଶ୍ରୀରାମଙ୍କ ପୟରରେ ରହୁଥିଲା। ଆକୁଳ ନିବେଦନରେ ପ୍ରଭୁଙ୍କର ପଦବନ୍ଦନା କରି ଅମର ବର ପ୍ରାପ୍ତ ହେଲେ । ସେହିପରି କିଷ୍କିନ୍ଧା ଅରଣ୍ୟର ବାନରଙ୍କ ରାଜା ଥିଲେ ସୁଗ୍ରୀବ। ବଡ଼ଭାଇ ବାଳୀ ହିଂସା ଯୁଦ୍ଧରେ ସୁଗ୍ରୀବଙ୍କ ରାଜ୍ୟ ଓ ପତ୍ନୀଙ୍କୁ ହରଣ କରି ରାଜା ବୋଲାଇଲେ। ବାଳୀଙ୍କୁ ଶିକ୍ଷା ଦେବା କିମ୍ବା ବଧ କରିବା ଅସମ୍ଭବ ହୋଇ ପଡ଼ିଲା। ସୁଗ୍ରୀବ ଶ୍ରୀରାମଙ୍କ ସହିତ ମିତ୍ରତା କରି ବାଳୀକୁ ନିହତ କଲେ। ହରାଇ ଥିବା ରାଜ୍ୟ ଓ ପତ୍ନୀଙ୍କୁ ପୁନଃ ପ୍ରାପ୍ତ ହେଲେ। ସେବା ଓ ଭକ୍ତିର ପ୍ରତୀକ ଅଞ୍ଜନୀ ପୁତ୍ର ହନୁମାନ ଶ୍ରୀରାମଙ୍କର ବ୍ୟକ୍ତିଗତ ସହାୟକ ଥିଲେ। ଶ୍ରୀରାମଙ୍କ ସେବାରେ ଏପରି ମଜ୍ଜିଗଲେ ଯେ ଅମର ହୋଇଗଲେ। ପ୍ରଜାବତ୍ସଳ ଶ୍ରୀରାମ ଯେଉଁ ମଙ୍ଗଳ କର୍ମ କରୁଥିଲେ ହନୁମାନ ରାଜ୍ୟରେ ବୁଲି ତାହା ସୁଚାରୁ ରୂପେ ତୁଳାଉଥିଲେ। ଦୁଷ୍ଟଙ୍କୁ ସଂହାରି ସାଧୁଙ୍କୁ ସୁରକ୍ଷା ପ୍ରଦାନ କରୁଥିଲେ । ଶ୍ରୀରାମ ସ୍ୱଧାମ ପ୍ରତ୍ୟାବର୍ତ୍ତନ କାଳରେ ହନୁମାନଙ୍କୁ ଜଗତର ଦାୟିତ୍ୱ ସମ୍ଭାଳିବା ନିମନ୍ତେ କହି ଯାଇଥିଲେ। ତଦନୁଯାଇ ଚାରିଯୁଗର ଅମର ପୁରୁଷ ମହାବୀର ହନୁମାନ ପ୍ରଭୁ ଶ୍ରୀରାମଙ୍କ କାର୍ଯ୍ୟ ଏବେ ବି ତୁଲାଇ ଆସୁଛନ୍ତି । ସେହିପରି ଗୌତମ ଋଷିଙ୍କ ପତ୍ନୀ ପତିବ୍ରତା ଅହଲ୍ୟା। ଅହଲ୍ୟାଙ୍କ ସୌନ୍ଦର୍ଯ୍ୟରେ ମୋହିତ ହୋଇ ଇନ୍ଦ୍ର ଆସି ଜାଲ ବିଛାଇଲେ। ଦିନେ ପ୍ରାତଃରୁ ଗୌତମ ନଦୀକୁ ସ୍ନାନ କରିବା ପାଇଁ ଯାଇଥିବା ବେଳେ ଇନ୍ଦ୍ର ଗୌତମଙ୍କ ବେଶ ଧରି ରତି ନିବେଦନ କଲେ। ସ୍ୱାମୀଙ୍କ ଇଚ୍ଛା ପୂରଣ ନିମନ୍ତେ ଅହଲ୍ୟା ଅଗତ୍ୟା ଦେହଦାନ କରିଦେଲେ। ଗୌତମ ନଦୀରୁ ସ୍ନାନ ସାରି ଆଶ୍ରମରେ ପହଞ୍ଚି ଘଟଣା ସଂପର୍କରେ ଅବଗତ ହେଲେ। କ୍ରୋଧିତ ହୋଇ ଅହଲ୍ୟାଙ୍କୁ ଅଭିଶାପ ଦେଲେ। ନିର୍ଦ୍ଦୋଷୀ ଅହଲ୍ୟା ପାଷାଣ ପାଲଟି ଗଲେ। ପାଷାଣ ଶରୀର ଭିତରୁ ଭଗବାନ ଶ୍ରୀରାମଙ୍କୁ ଡାକ ଛାଡ଼ିଲେ। ପ୍ରଭୁ ଶ୍ରୀରାମ ଅହଲ୍ୟାଙ୍କର ଆର୍ତ୍ତଡାକ ଶ୍ରବଣ କଲେ। ଚିନ୍ତା କଲେ ଅହଲ୍ୟାଙ୍କର କିଛି ଦୋଷ ନାହିଁ। ଗୌତମ କ୍ରୋଧବଶତଃ ତାଙ୍କୁ ଅଭିଶାପ ଦେଇଛନ୍ତି। ଅହଲ୍ୟାଙ୍କୁ ପାଷାଣରୁ ମୁକ୍ତ କରିବା ନିମନ୍ତେ ପ୍ରଭୁ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଲେ। ମୂର୍ତ୍ତି ଭିତରୁ ଶୁଭୁଥିଲା ରାମ ରାମ। ଶ୍ରୀରାମଙ୍କ ଦକ୍ଷିଣ ପାଦର ବୃଦ୍ଧାଙ୍ଗୁଳି ସ୍ପର୍ଶ ମାତ୍ରେ ଅହଲ୍ୟା ପୂର୍ବ ଶରୀର ଫେରି ପାଇଲେ। ବିଷ୍ଣୁଙ୍କର ଶ୍ରୀରାମ ଅବତାର ମହାଦେବଙ୍କର ଅତି ପ୍ରିୟ ଥିଲା। ତପସ୍ୟା କାଳରେ ଶ୍ରୀରାମଙ୍କୁ ସ୍ମରଣ କରି ଶିବ ଆନନ୍ଦ ପ୍ରାପ୍ତ ହେଉଥିଲେ। ତେଣୁ ଶ୍ମଶାନବାସୀ ଭୂତନାଥଙ୍କୁ ସନ୍ତୋଷ କରିବା ନିମନ୍ତେ ଏବେ ମଧ୍ୟ ମୃତ ଶରୀର ଶ୍ମଶାନକୁ ପ୍ରବେଶ କାଳରେ 'ରାମ ନାମ ସତ୍ୟ ହେ' ଉଚ୍ଚାରଣ କରା ଯାଉଛି। ରାମ ନାମର ମହିମା ସମ୍ବନ୍ଧରେ ସଦାଶିବ ପାର୍ବତୀଙ୍କୁ କହିଥିଲେ "ଶ୍ରୀରାମ ରାମ ରାମେତି ରମରାମେ ମନୋରମେ,ସହସ୍ର ନାମ ତର୍ତ୍ତୁଲ୍ୟଂ ରାମ ନାମ ବରାନନେ।" ଅର୍ଥାତ୍ ଅଙ୍କାବଙ୍କାରେ ହେଉ ପଛେ ଗୋଟିଏ ରାମ ନାମ ବିଷ୍ଣୁଙ୍କର ସହସ୍ର ନାମ ସହିତ ସମାନ। ସେହି ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କର ପବିତ୍ର ଜନ୍ମ ଭୂମି ଅଯୋଧ୍ୟାରେ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଦିବସରେ ପ୍ରତ୍ୟେକ ମାନବ ରାମରାଜ୍ୟ ନିର୍ମାଣ ଦିଗରେ ଉଦ୍ୟମରତ ହେବା ଆବଶ୍ୟକ। ଅତଏବ ପ୍ରଭୁଙ୍କର କୃପା ଲାଭ ପାଇଁ ଆଜିର ଦିବସ ହେଉ ସତ୍ୟ ସଂକଳ୍ପର ଦିବସ। ଜୟ ଶ୍ରୀରାମ।

ମିଶନ ଭାଗବତ,ଭୁବନେଶ୍ୱର
ମୋ-୯୬୬୮୬୩୧୨୫୭

# ଅବତାରଙ୍କ ଆଧାତ୍ମିକ ସେବା

**ଇଂ.ସଚ୍ଚିଦାନନ୍ଦ ନନ୍ଦ**

ଭଗବଦ ଗୀତାର ଉଦଘୋଷଣା 'ସମ୍ଭବାମି ଯୁଗେ ଯୁଗେ' ନିଶ୍ଚିତ ଭାବେ ସମସ୍ତଙ୍କୁ ଜଣା। ପ୍ରଦତ୍ତ ପ୍ରତିଶ୍ରୁତି ଅନୁଯାୟୀ ତାହାକୁ ସମ୍ପାଦନ କରିବାରେ କେବେହେଲେ ବିଫଳ ନହୋଇ, ସଠିକ ସମୟରେ ସଠିକ ନାମ ରୂପ ଧରି ଅବତୀର୍ଣ୍ଣ ହୋଇ ପଡ଼ନ୍ତି ସେ। ପୂର୍ବ ତିନି ଯୁଗ ଭଳି ଏ କଳି ଯୁଗରେ ମଧ୍ୟ ସେ ତାଙ୍କ ପ୍ରତିଶ୍ରୁତି ରକ୍ଷା କରିଛନ୍ତି, ଫଳରେ ସାଧୁଙ୍କୁ ପରିତ୍ରାଣ କରିବା ତଥା ଅନ୍ୟ ସମସ୍ତଙ୍କୁ ସଂସ୍କାରିତ କରିବା ଲକ୍ଷ୍ୟରେ ଅଗ୍ରସର ହୋଇପଡ଼ିଛନ୍ତି। ଭଗବାନ ଶ୍ରୀସତ୍ୟସାଇ ବାବା ଧର୍ମ ସଂସ୍ଥାପନ କରିବା ଲାଗି ଓ ଅଧର୍ମର ବିନାଶ କରିବା ପାଇଁ ସୁନ୍ଦର ବାଟ ଦେଖାଇଛନ୍ତି। ସେ ଜାଣି ପାରିଲେ ଯେ ମାନବ ଜାତି ଶାରୀରିକ ସ୍ୱାସ୍ଥ୍ୟ ହରାଇ ବସିଛି। ମାନସିକ ଶାନ୍ତି ତା ପାଇଁ ସୁଦୂର ପରାହତ ହୋଇ ଯାଇଛି। ତା ଠାରେ ନୈତିକ ବଳ ଓ ଆଧାତ୍ମିକ ସମ୍ପଦର ଘୋର ଅଭାବ। ମାନବ ଜାତି ରୁଗ୍ଣ, ଅଶାନ୍ତ, ଦୁର୍ବଳ ଓ ଦରିଦ୍ର ହୋଇ ପଡ଼ିଛି। ସବୁଠାରୁ ବଡ଼ ଦୁଃଖର କଥା ସେ ତା ଜୀବନକୁ କୁରୁଚି ସମ୍ପନ୍ନ କରି ଦେଇଥିବାରୁ ତାର ନାନା କୁଫଳ ଭୋଗି ହୀନ ଓ ନୀଚ ସୋପାନକୁ ଓହ୍ଲାଇ ଯାଇଛି। ସର୍ବଜ୍ଞଙ୍କ ଦୃଷ୍ଟିରୁ ଏହା କେବେହେଲେ ବାଦ ଯାଇ ନଥିବ ଯାହା ସର୍ବସାଧାରଣଙ୍କ ପାଇଁ ସ୍ପଷ୍ଟରୁ ସ୍ପଷ୍ଟତର ହୋଇଯାଇଛି। ଏଭଳି ଦୁଃସମୟ ଆସିଲେ ଗୋଟିଏ ଭଲ କାମ ମଧ୍ୟ ହୁଏ, ଅବତାର ଅବତୀର୍ଣ୍ଣ ହୋଇଆସନ୍ତି। ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ଧରାବତରଣ ମଧ୍ୟ ଏସବୁ ନିରାଶା ଭିତରେ ଏକ ବଡ଼ ଓ ଦୃଢ଼ ଆଶାର ରଶ୍ମିରେଖା। ସମଗ୍ର ଜଗତକୁ ବାଟ ମିଳିଗଲା। ସେ ପଥରେ ପାଦ ଦେବା ଲୋକେ ନିଜକୁ ଉଦ୍ଧାର କରିବା ସଙ୍ଗେ ସଙ୍ଗେ ତାଙ୍କ ପରିବାର, ବନ୍ଧୁକୁଟୁମ୍ବ, ଗ୍ରାମବାସୀ, ଏହିପରି ସମଗ୍ର ବିଶ୍ୱ ପରିତ୍ରାଣ ଲାଭ କରିପାରିବ। ଦେଶର ଶାସକ ବର୍ଗ ମଧ୍ୟ ରୂପାନ୍ତରିତ ହୋଇପଡ଼ିବା ଦେଖାଗଲାଣି। ଅବତାର ଆସିବା ବେଳକୁ କେବଳ ମାନବ ନୁହେଁ ଇତର ଜୀବମାନେ ମଧ୍ୟ ଉତ୍ଫୁଲ୍ଲିତ ହୋଇପଡ଼ନ୍ତି। ଇତର ଜୀବ ମାନଙ୍କ ପ୍ରତି ମନୁଷ୍ୟ ତାର ଅଭିଭାବକ ଭୂମିକା ସମ୍ପାଦନ କରିବାରେ ଲାଗି ପଡ଼େ। ଅବତାରଙ୍କ ଆର୍ବିଭାବ ଫଳରେ। କେବଳ ଏ ଜାଗତିକ ଅନ୍ଧକାର ଦୂର ହୁଏନାହିଁ ବୌଦ୍ଧିକ ଓ ମାନସିକ ଅନ୍ଧକାର ମଧ୍ୟ ଅପସରି ଯାଏ। ଆଳସ୍ୟ ପରାୟଣ ବ୍ୟକ୍ତିମାନେ ମଧ୍ୟ ବ୍ରାହ୍ମ ମୁହୂର୍ତ୍ତର ସଦୁପଯୋଗ କରନ୍ତି। ପରମେଶ୍ୱରଙ୍କ ସ୍ତବ ଓ ମହିମା ଗାନରେ ପ୍ରତ୍ୟେକ ଗୃହ ପ୍ରାଣବନ୍ତ ହୋଇ ଉଠେ। ଅସହାୟ ମାନଙ୍କ ସହାୟତା କରିବା ଲାଗି ନିଜ ଅନ୍ତରରୁ ଭାବ ସୃଷ୍ଟି ହୁଏ। 'ସର୍ବେ ଭବନ୍ତୁ ସୁଖୀନ' କେବଳ ଧ୍ୱନୀରେ ନରହି, ସେଥିପାଇଁ କର୍ମ କରିବା ଲାଗି ଧ୍ୟାନ ଆକର୍ଷଣ କରିନିଏ। ମନେହୁଏ ଆମେ ତ ପୂର୍ବରୁ ଏପରି ନଥିଲୁ, ହେଲା କ'ଣ ? ଉତ୍ତର ସୁସ୍ପଷ୍ଟ। ଆମେ ଯେଉଁ ମାଟି ଉପରେ ଦଣ୍ଡାୟମାନ ଅବତାରପରା ସେହି ମାଟି ଘରେ ଅବତୀର୍ଣ୍ଣ। ଅବତାରଙ୍କ ଠାରୁ ତାଙ୍କ ଲୀଳାକୁ କେବେହେଲେ ଅଲଗା କରାଯାଇ ପାରେନାହିଁ। ରୋଗ ଆରୋଗ୍ୟ କରିବା ପାଇଁ ତାଙ୍କୁ ଡାକ୍ତରୀ ପାଠ ଦରକାର ହୁଏନାହିଁ। ତାଙ୍କ ହାତ ରନ୍ଧାରସମ୍ ମଧ୍ୟ ଗ୍ରାମବାସୀଙ୍କ ଜ୍ୱର ଉଡାଇ ଦେଉଥିଲା। ତାଙ୍କ ହସ୍ତ ସ୍ପର୍ଶ ମଧ୍ୟ ଅଲୌକିକ କର୍ମ କରେ। ତାଙ୍କ ନିଷ୍ପାର ସଂକଳ୍ପ ସାଗର ସେପାରି ବହୁ ଦୂରସ୍ଥ ଅଞ୍ଚଳର ଆର୍ତ୍ତ ଓ ଅର୍ଥାର୍ଥୀଙ୍କ ଯାହା ଆବଶ୍ୟକ ତାହା ଯୋଗାଇ ଦେଉଛି। ଜିଜ୍ଞାସୁ ମାନଙ୍କୁ ଅନୁସରଣୀୟ ପଥ ମିଳି ଯାଇଛି। ଜ୍ଞାନୀ ମାନଙ୍କୁ ତାଙ୍କ ପ୍ରକୃତ ପରିଚୟ ମିଳି ଯାଇଛି। ଶତ ସହସ୍ର ମୁମୂର୍ଷୁ ଅତି ଆଶ୍ଚର୍ଯ୍ୟ ଜନକ ଭାବେ ପୀଡ଼ା ଓ ମୃତ୍ୟୁ କବଳରୁ ମୁକୁଳି ଯାଉଛନ୍ତି। ସମଗ୍ର ଜଗତକୁ ଗୋଟିଏ ମହମନ୍ତ୍ର ମିଳିଗଲା ତାହା ହେଉଛି 'ସେବା ଓ ପ୍ରେମ'। ମାନବ ଠାରେ ଥିବା ଆତ୍ମା ବ୍ରହ୍ମାନନ୍ଦର ସ୍ୱାଦ ଚାଖିବା ପାଇଁ ବାରମ୍ବାର ଜନ୍ମ ହେଉଛି, ଶତ ଶତ ଯନ୍ତ୍ରଣା ସହୁଛି, ସେହି ଆତ୍ମାକୁ ଶାଶ୍ୱତ ଧାମରେ ପହଞ୍ଚାଇବା ପାଇଁ ସଠିକ ଶିକ୍ଷା, ସଂସ୍କୃତି ଓ ସେବା ଆବଶ୍ୟକ, ତାହାର ତ୍ରିବେଣୀ ସଂଗମ ଘଟିଛି ଶ୍ରୀ ସତ୍ୟସାଇ ସେବା ସଙ୍ଗଠନରେ। ସଙ୍ଗଠନର ସଦସ୍ୟ ମାନଙ୍କ ଠାରେ କର୍ମ, ଭକ୍ତି ଓ ଜ୍ଞାନର ଅଭିବୃଦ୍ଧି ଘଟାଇ ଫଳ ସ୍ୱରୂପ ପ୍ରେମ, ଶାନ୍ତି ଓ ଆନନ୍ଦର ସ୍ରୋତ ବୁହାଇ ସମସ୍ତଙ୍କର ଆଧାତ୍ମିକ ତୃଷ୍ଣା ନିବାରଣ କରାଯାଇ ପାରୁଛି। ଭଗବାନ ବାବା ବାରମ୍ବାର କହନ୍ତି - ମୋର କୌଣସି କାମନା ନାହିଁ। ଗୋଟିଏ ମାତ୍ର କାମନା ଇଚ୍ଛା କରି ମୁଁ ମୋ ଠାରେ ରଖିଛି, ତାହା ହେଉଛି, ତୁମକୁ କାମନା ଶୂନ୍ୟ କରିବା। କାମନା ଶୂନ୍ୟ ହୋଇଗଲେ ଆଉ ପୁନର୍ଜନ୍ମ ନାହିଁ। ଭଗବାନ ବାବାଙ୍କ ହୃଦୟସ୍ପର୍ଶୀ ରଚନା, ସମ୍ଭାଷଣ ଓ ଜୀବନାଦର୍ଶ ଶତ ସହସ୍ର ସାଧକ ମାନଙ୍କୁ ସତ୍ୟପଥେ, ଧର୍ମପଥେ ଆଗେଇ ନେଇ ଚାଲିଛି। ସାଧକ ଜୀବନ ଏଇ ମୁହୂର୍ତ୍ତରେ ଉତଥାନ ମାର୍ଗରେ ତ ପର ମୁହୂର୍ତ୍ତରେ ପତନ ମାର୍ଗରେ ପଡୁଛି। ଏଥିରୁ ଉଦ୍ଧାର କରିବା ନିମନ୍ତେ ତାଙ୍କ ଆଶ୍ୱାସନା, ଆତ୍ମବିଶ୍ୱାସ ଓ ଆତ୍ମ ସଂଯମ ସୃଷ୍ଟିକାରୀ ବାଣୀ ସାଧନାରେ ବହୁ ସାହାଯ୍ୟ କରୁଛି। ସାଧକର ସମସ୍ତ ଭୁଲକୁ କ୍ଷମା ସାଗର କ୍ଷମା କରିଦେଇ ପୁନର୍ବାର ସେ ଭଳି କର୍ମ ନକରିବାକୁ ସତର୍କ କରି ଦିଅନ୍ତି। ତାଙ୍କ ପ୍ରଦତ୍ତ ସାଧନାର ମହାମନ୍ତ୍ର ହେଉଛି ସମସ୍ତଙ୍କ ପ୍ରତି ପ୍ରେମ ଭାବ ପୋଷଣ କର, ସମସ୍ତଙ୍କ ସେବାରେ ବ୍ରତୀ ହୁଅ।

ଅଲିଶା ବଜାର, କଟକ,
ମୋ: ୯୩୩୭୨୪୨୯୫୫




# କୃଷି ବିଲ୍‌କୁ ବିରୋଧ କରି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ଓ ସମାବେଶ

ଖୋର୍ଦ୍ଧା (ପିଏନ)-କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର ଆଣିଥିବା କୃଷି ବିଲ ହେଉଛି କୃଷି ମାରଣ ବିଲ୍। ଏହି ବିଲ୍ ପାସ୍ ହେବା ଦ୍ୱାରା ବଡ ବଡ କମ୍ପାନୀ ଓ ପୁଞ୍ଜିପତିଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଇଛି। ଏହି କୃଷି ମାରଣ ବିଲ୍‌କୁ ସାରା ଭାରତବର୍ଷରେ ଚାଷୀ, ସାଧାରଣ ଲୋକ ବିରୋଧ କରୁଥିବା ବେଳେ ଓଡିଶାରେ ମଧ୍ୟ ବିରୋଧ କରାଯାଇଛି। ଏହି ଅବସରରେ କିଛି ଦିନ ତଳେ ପ୍ରଦେଶ କଂଗ୍ରେସ ପକ୍ଷରୁ ବାଲେଶ୍ୱର ଠାରେ ଏକ ରାଜ୍ୟସ୍ତରୀୟ କୃଷି ସମାବେଶ ଅନୁଷ୍ଠିତ ହୋଇଥିଲା। ସେହିପରି ଆଜି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ଖୋର୍ଦ୍ଧାରେ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଶହ ଶହ କଂଗ୍ରେସ କର୍ମୀ ଏବଂ ଚାଷୀ ସେମାନଙ୍କ ଟ୍ରାକ୍ଟର ଓ ହଳଲଙ୍ଗଳ ଧରି ଅଭିନବ ଉପାୟରେ ଏକ ଶୋଭାଯାତ୍ରାରେ ଯାଇ ଜିଲ୍ଲାପାଳଙ୍କ ଅଫିସ ଘେରାଉ କରିଥିଲେ। କୃଷି ବିଲ୍ ଆଇନ୍‌ର ପ୍ରତ୍ୟାହାର ଦାବିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ



ଅନୁପସ୍ଥିତିରେ ତହସିଲ୍‌ଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି କୃଷି ବିଲ୍ ପାରିତ ହେବା ଦ୍ୱାରା କୃଷକମାନେ କେତେ ଯେ ହଇରାଣ ହରକତ ହେବେ ବୋଲି ବିଧାୟକ ସୁରେଶ କୁମାର ରାଉତରାୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ତ୍ରୀବ୍ର ସମାଲୋଚନା କରିଥିଲେ। ଓଡିଶାରେ କଂଗ୍ରେସ ସରକାର ସମୟରେ ଚାଷୀମାନଙ୍କର ଅଭୂତପୂର୍ବ ଉନ୍ନତି ହୋଇଥିଲା। କୃଷି ଶିଳ୍ପ ସାଂଗକୁ ଜଳସେଚନ ବ୍ୟବସ୍ଥାକୁ ମଜବୁତ କରାଯାଇଥିଲା। ଦିର୍ଘ ୨୧ ବର୍ଷ ଧରି ଏଠାରେ ଶାସନ କରୁଥିବା ନବୀନ ସରକାର ଚାଷୀ ତଥା କୃଷି କ୍ଷେତ୍ରକୁ ଅବହେଳା କରିଛନ୍ତି। ଏହି ଚାଷୀବିଲ୍ ପାରିତ ହେବା ପରେ ଚାଷୀମାନେ ତାଙ୍କ ଖାଦ୍ୟଶସ୍ୟର ଉପଯୁକ୍ତ ମୂଲ୍ୟ ନପାଇବାରୁ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସାଧାରଣ ଜନତା ବି ଏଥିରୁ ତ୍ରାହି ପାଇନାହାନ୍ତି। ବର୍ତମାନ ଅତ୍ୟାବଶ୍ୟକୀୟ ସାମଗ୍ରୀ, ଫଳ, ପନିପରିବା ଦର ହୁ ହୁ ହୋଇ ବଢ଼ିଚାଲିଛି। ରାଜ୍ୟରେ କରୋନା ମହାମାରୀ ବର୍ତମାନ ସଂକଟ ପରିସ୍ଥିତି ଦେଇ ଗତି କରୁଥିବା ବେଳେ ସାଧାରଣ ଲୋକଟିଏ ଜୀବନ ବଂଚାଇବା ପାଇଁ ସଂଘର୍ଷ କରୁଛି। ଏହି ସମୟରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ବଢ଼ିବା ତାଙ୍କ ଉପରେ ବୋଝ ଉପରେ ଲଳିତାବିଡା ସଦୃଶ ହୋଇଛି। ତେଣୁ ଏହି କଳା କୃଷି ବିଲ୍ ଆଇନ୍‌କୁ ସମସ୍ତ ଜନସାଧାରଣ ବିରୋଧ କରିବା ଉଚିତ୍ ବୋଲି ଶ୍ରୀ ରାଉତରାୟ ତାଙ୍କ ଉଦ୍‌ବୋଧନରେ କହିଥିଲେ। ଆଜିର ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଶୁଭେନ୍ଦୁ ମହାନ୍ତି, ପ୍ରଦୀପ ସ୍ୱାଇଁ, ପ୍ରଦୀପ ସାହୁ, ଶିଶିର ପରିଡା, ସଂଗ୍ରାମ ରାଉତରାୟ, ସୁନିଲ୍ ରାଉତରାୟ, ସୁଧାଂଶୁ ମୋହନ ପଟ୍ଟନାୟକ, ତ୍ରିଲୋଚନ ପ୍ରଧାନ, ତପନକାନ୍ତ ଚକ୍ରବର୍ତୀ, ଅମିତ୍ ମହାନ୍ତି, କଳିଙ୍ଗ ସାହୁ, ନୌସର ଅଲ୍ଲୀ, ବୃନ୍ଦାବନ ସାହୁ, ଅନନ୍ତ ବେହେରା, ବାବୁଲି ରାଉତରାୟ, ଦିବାକର ବେହେରା, ପଦୁ ରାୟ, ସଂଜୟ ପଟ୍ଟନାୟକ, ଜୟକୃଷ୍ଣ ମଲିଆ, ସ୍ୱାଗତ କର, ବଟକୃଷ୍ଣ ରାଉତରାୟ, ଜୟନ୍ତ ଭୋଇ, ପ୍ରସାଦ ବଳିୟାରସିଂ, କାଳନ୍ଦି ଚରଣ ନାୟକ, ସୁବାସ ପାତ୍ର ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

# ତାଳଚେର ଚିତ୍ରକୁଟ ମନ୍ଦିର ସଫେଇ କଲା ବିଜେପି



ତାଳଚେର:(ପି.ଏନ): ତାଳଚେର ଟାଉନ ସ୍ଥିତ ଚିତ୍ରକୁଟ ମନ୍ଦିର କୁ ବିଜେପି କାର୍ଯ୍ୟକର୍ତା ମାନେ ଶୁକ୍ରବାର ସଫେଇ କରିଛନ୍ତି।ଜାନୁଆରୀ ୨୨ ରେ ଅଯୋଧ୍ୟା ରେ ପ୍ରଭୁ ଶ୍ରୀରାମ ଙ୍କ ମନ୍ଦିର ରେ ରାମ ଲାଲା ଙ୍କ ପ୍ରାଣ ପ୍ରତିଷ୍ଠା କୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମସ୍ତ ମନ୍ଦିର ତଥା ଦେବାଳୟ ସ୍ୱଚ୍ଛ କରିବା ପାଇଁ ଆହ୍ୱାନ ଦେଇଛନ୍ତି।ଆଜି ଶୁକ୍ରବାର ତାଳଚେର ସହରର ଚିତ୍ରକୁଟ ମନ୍ଦିରରେ ବିଜେପି ନେତା ମାନେ ପହଞ୍ଚି ସଫେଇ କରିଥିଲେ।ମଣ୍ଡଳ ସଭାପତି ସତ୍ୟବନ୍ତ ସାହୁ ଙ୍କ ସଂଯୋଜନା ରେ ଅନୁଷ୍ଠିତ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ତାଳଚେର ବିଧାନସଭା ର ବିଜେପି ନେତା କାଳନ୍ଦି ସାମଲ, ବରିଷ୍ଠ ନେତା ଯଯାତି ପଟ୍ଟନାୟକ, ଜିଲ୍ଲା ମିଡ଼ିଆ ସେଲ ଅଧ୍ୟକ୍ଷ ପର୍ଶୁରାମ ବାରିକ ,ବରୁଣ ସାହୁ,କାଳନ୍ଦି ପ୍ରଧାନ, ନିରୋଜ ଦାସ, ମିଲ୍ଲୀ ପ୍ରଧାନ, ସଂଯୁକ୍ତା ମହାରଣା, କାଉନସିଲର ଅନିତା ବିଶ୍ୱାଳ ଓ ସ୍ୱାଧୀନ ଥମ୍ବ, ପ୍ରମୋଦ ପାଲ,ପୂର୍ଣ୍ଣଚନ୍ଦ୍ର ବେହେରା, ଆଦିତ୍ୟ ମିଶ୍ର,ବିଜୟ ନାଏକ ,ଝରଣା ମହାପାତ୍ର, ସୁକାନ୍ତ ରାୟଙ୍କ ସମେତ ବହୁ କାର୍ଯ୍ୟକର୍ତା ସାମିଲ ହୋଇଥିଲେ।

## କେନ୍ଦ୍ରାପଡା ଉଠା ଜଳସେଚନ ବିଭାଜନ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳନ

କେନ୍ଦ୍ରାପଡ଼ା,(ପି.ଏନ): ଚଳିତ ବର୍ଷ ପାଣି ପଞ୍ଚାୟତ ପକ୍ଷ ପାଳନ-୨୦୨୪ ଆମ ରାଜ୍ୟରେ ଜାନୁୟାରୀ ୧୬ତାରିଖରୁ ୩୦ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏହି କ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଉଠା ଜଳସେଚନ ବିଭାଜନ ପକ୍ଷରୁ ଆଜି ଉଠା ଜଳସେଚନ ସର୍କଲ, କଟକର ଅଧିକ୍ଷଣ ଯନ୍ତ୍ରୀ ତଥା ଭାରପ୍ରାପ୍ତ କେନ୍ଦ୍ରାପଡା ବିଭାଜନର ନିର୍ବାହୀ ଯନ୍ତ୍ରୀ ଇଂ ପବିତ୍ର ପରିଡାଙ୍କ ଅଧ୍ୟକ୍ଷତାରେ ପାଣି ପଞ୍ଚାୟତ ପକ୍ଷ-୨୦୨୪ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଉଠା ଜଳସେଚନ ନିଗମର ଅଧ୍ୟକ୍ଷ ଅମରେଶ ପତ୍ରୀ ଯୋଗଦେଇ ଜଳ ପରିଚାଳନା କ୍ଷେତ୍ରରେ ପାଣି ପଞ୍ଚାୟତର ସଭ୍ୟ/ସଭ୍ୟାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସମ୍ମାନ ଓ ସ୍ୱୀକୃତି ଜଣାଇବା ପାଇଁ ରାଜ୍ୟ ସରକାରଙ୍କ ଏହା ଏକ ସୁନ୍ଦର ପ୍ରୟାସ ଓ ଯୋଜନା ବୋଲି ମତବ୍ୟକ୍ତ କରିଥିଲେ। ପାଣି ପଞ୍ଚାୟତରେ ମହିଳାମାନଙ୍କ ଅଂଶ ଗ୍ରହଣ ବୃଦ୍ଧି ପାଇଁ ଚାଷୀମାନଙ୍କ ପରିବାରର ମହିଳା ସଦସ୍ୟାମାନଙ୍କୁ ସାମିଲ କରାଯାଇଛି ବୋଲି ସେ ମତବ୍ୟକ୍ତ କରିଥିଲେ। ରାଜ୍ୟ ସରକାର ଜଳସେଚନର ଭିତ୍ତିଭୂମି ନିର୍ମାଣକୁ ସୁଦୃଢ କରିବା ଯୋଗୁଁ ଅଧିକରୁ ଅଧିକ ଜମିକୁ ଜଳସେଚନ ସୁବିଧା ପାଣି ପଞ୍ଚାୟତ ମାଧ୍ୟମରେ ଯୋଗାଇ ଦିଆଯାଉଛି। ନ୍ୟାୟ ସଙ୍ଗତ ଓ ସମାନତା ଭିତ୍ତିରେ ବିଭିନ୍ନ ଜଳ ବ୍ୟବହାରକାରୀମାନଙ୍କ ମଧ୍ୟରେ ଜଳ ବଣ୍ଟନ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିପାରିଲେ ଜଳ ସଂରକ୍ଷଣ, ଜଳର ପୁନଃ ବ୍ୟବହାର ସହିତ ଫସଲର ବିବିଧକରଣ ଜରିଆରେ ଅଧିକ ପ୍ରକାରର ଫସଲର ଉତ୍ପାଦନ ହୋଇପାରିବ।

# ବେସାରିକ ଯୋଗାଣ ବିଭାଗ ଦ୍ୱାରା ପରିଚାଳିତ ଏଚ୍‌ପିସିଏଲ ଗ୍ୟାସ୍ ଗୋଦାମ ପାଇଁ ଜମି ଯୋଗାଇ ଦେବାକୁ ଦାବୀ

କେନ୍ଦୁଝର(ପିଏନ): ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ମିଳୁନଥିବାରୁ ଡିଲରସିପ ବନ୍ଦ ହେବାକୁ ଯାଉଛି। ନିଜସ୍ୱ ଗୋଦାମ ଘର ନଥିବାରୁ ବିଭିନ୍ନ ବିଭାଗର ଯଥା ଏକ୍ସପ୍ଲୋସିଭ ଲାଇସେନ୍ସ, ଫାୟରସେଫ୍ଟି ଲାଇସେନ୍ସ ୨୬ ବର୍ଷ ଧରି ମିଳିପାରୁନାହିଁ। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ପାଇଁ ବାରମ୍ବାର ସଦର ତହସିଲକୁ ଆବେଦନ କଲେ ମଧ୍ୟ ଜମି ନଥିବା କହି ତହସିଲ ପକ୍ଷରୁ ଅଗ୍ରାହ୍ୟ କରାଯାଉଛି। କେନ୍ଦୁଝର ସଦର ମହକୁମାରେ ଜନାକୀର୍ଣ୍ଣ ତଥା ଶିକ୍ଷାନୁଷ୍ଠାନକୁ ସଂଲଗ୍ନ ଥାଇ ଏକ ବିପଦସଂକୁଳ ଘରେ ଗ୍ୟାସ୍ ଗୋଦାମ ଚାଲୁଥିବାବେଳେ ଜମି ମିଳୁନଥିବାରୁ ଗୋଦାମ ଘର ହୋଇପାରୁନଥିବା ଜଣାପଡିଛି। ତେବେ ସୁରକ୍ଷା ଦୃଷ୍ଟି କୋଣରୁ ଗ୍ୟାସ ଗୋଦାମ ଜନବସତିଠାରୁ ଦୂରରେ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ରାଜସ୍ୱ ବିଭାଗ ଆବଶ୍ୟକୀୟ ଜମି ଯୋଗାଇ ଦେଉନଥିବାରୁ ଗ୍ୟାସ ଗୋଦାମ ଅନ୍ୟତ୍ର ସ୍ଥାନାନ୍ତର ହୋଇ ପାରୁନାହିଁ। ଓଡିଶା ସରକାରଙ୍କ ଖାଉଟି କଲ୍ୟାଣ ଓ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଯୋଗାଣ ନିଗମ ନିଗମ ଲିମିଟେଡ ଦ୍ୱାରା ପରିଚାଳିତ ଏହି ଗ୍ୟାସ ଗୋଦାମ ଆବଶ୍ୟକୀୟ ସୁରକ୍ଷା ଅଭାବରୁ ଏହାକୁ ଏଲପିଜି ବିତରଣ କରୁଥିବା କମ୍ପାନୀ ବନ୍ଦ କରିବାକୁ ସ୍ପଷ୍ଟ ଭାବେ ଜଣାଇଛି। ଏଚ୍‌ପିସିଏଲର ଡିଜିଏମ ଧର୍ମେନ୍ଦ୍ର ବେହୁରା ଗୋଦାମ ଘର ନଥିବାରୁ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଆଡହକ ଡିଲରସିପ ୩୦ ନଭେମ୍ବର ୨୦୨୦ରେ ବନ୍ଦ କରିବାକୁ ଜିଲ୍ଲା ପରିଚାଳକ ବେସାମରିକ ଯୋଗାଣ ଅଧିକାରୀଙ୍କୁ ଚିଠି କରି ଜଣାଇବା ପରେ କେନ୍ଦୁଝର ସହରରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହି ଡିଲରସିପ ଅଧିନରେ ୧୭,୪୦୦ ଉପଭୋକ୍ତା ଅଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହରରେ ଏଚ୍‌ପିସିଏଲ କମ୍ପାନୀ ତରଫରୁ ଗ୍ୟାସ ଯୋଗାଇବା ପାଇଁ ପୂର୍ବରୁ ମେସର୍ସ କେନ୍ଦୁଝର ଗ୍ୟାସ ଏଜେନ୍ସିକୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା। ତେବେ ଅନିୟମିତତା ଅଭିଯୋଗରେ ୧୯୯୬ ମସିହାରେ ଏହାର ଲାଇସେନ୍ସ ସସପେଣ୍ଡ ହୋଇଥିଲା। ଏହାପରେ ଏ ସଂପର୍କିତ ଏକ ମାମଲା କୋର୍ଟରେ ବିଚାରଧିନ ଥିବାବେଳେ ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାମରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ସେବେଠାରୁ ବେସାମରିକ ଯୋଗାଣ ବିଭାଗ ସୁଚାରୁରୂପେ ଏଲପିଜି ସିଲିଣ୍ଡର ଲୋକମାନଙ୍କୁ ଘରକୁ ଘର ଗାଡି ଦ୍ୱାରା ସୁଚାରୁରୂପେ ଗ୍ୟାସ ସିଲିଣ୍ଡର ଯୋଗାଣ କରିଆସୁଛି। ଏହି ସଂସ୍ଥା ୨୬ ବର୍ଷ ଧରି ସୁରୁଖୁରୁରେ ଚାଲି ଆସୁଥିବାବେଳେ ବନ୍ଦ ହେଲେ ଗ୍ୟାସ ବିତରଣରେ ବିଭ୍ରାଟ ହେବ ଏବଂ ଉପଭୋକ୍ତାମାନେ ହଇରାଣ ହେବ ବୋଲି ବହୁ ଜନସାଧାରଣ ପ୍ରକାଶ କରିଛନ୍ତି। ଏ ନେଇ ଶୁକ୍ରବାର ଦିନ ବରଦା ପ୍ରସନ୍ନ ଦାସ, ରୁଦ୍ର ନାରାୟଣ ମହାନ୍ତ, ସୁଧାଂଶୁ ଶେଖର ସାହୁ, ଅସିତ୍ ପଟ୍ଟନାୟକ, ରମେଶ ଚନ୍ଦ୍ର ନାୟକ, ରବିନ୍ଦ୍ର କୁମାର ସେଠୀ, ବାସୁଦେବ ରାଜ, ମନୋରଞ୍ଜନ ମଙ୍ଗରାଜ, ଶୁଭେନ୍ଦୁ ସାହୁ, କବିଚରଣ ନାୟକ, ଅଜୟ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, କାର୍ତ୍ତିକ ସେଠୀ, ସୌରଭ ମହାପାତ୍ର, ଗୌତମ ମହାପାତ୍ର, ଶାନ୍ତନୁ ମହାନ୍ତି, ଶୁକୁମାର ଦେ,ରଜତ କୁମାର ଗିରି, କୈଳାଶ ଚନ୍ଦ୍ର ଜେନା,ଦେବେନ୍ଦ୍ର ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସଂଜୟ କୁମାର ମହାନ୍ତ, ରାକେଶ କୁମାର ସାହୁ, ରାମଚନ୍ଦ୍ର ସେଠୀ,ସଂଜୟ କୁମାର ପଣ୍ଡା, ସତ୍ୟାନନ୍ଦ ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ମନୋଜ କୁମାର ମହାନ୍ତ,ଏମଡି ଇରସାଦ, ସୁବାସ ଚନ୍ଦ୍ର ସାହୁ, ଧରଣୀଧର ମହାନ୍ତ, ନାରାୟଣ ନାୟକ, ପ୍ରଶାନ୍ତ କୁମାର ଭଞ୍ଜଦେଓ ପ୍ରମୁଖଏକ ଦାବୀ ପତ୍ର ମାଧ୍ୟମରେ ବେସାରିକ ଯୋଗାଣ ବିଭାଗକୁ ୧ ଏକର ଜମି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଦାବୀ କରିଛନ୍ତି।

# ଅଧିକାର ମାଇକ୍ରୋଫାଇନାନ୍ସ: ମହିଳା ଉଦ୍ୟୋଗୀଙ୍କ ସ୍ୱପ୍ନକୁ ସାକାର କରୁଛି

ସମ୍ବଲପୁର(ପିଏନ) : ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମାଇକ୍ରୋଫାଇନାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭୂମିକା ନିର୍ବାହ କରୁଛି। ଓଡ଼ିଶାର ବଲାଙ୍ଗୀର ଜିଲା ଅନ୍ତର୍ଗତ ଖଇରଟିକ୍ରା ଗ୍ରାମର ଜଣେ ଅଧିବାସୀ ପୁଷ୍ପାଞ୍ଜଳି ମେହେରଙ୍କ ଅଭିବୃଦ୍ଧି କାହାଣୀ ତାଙ୍କ ସମେତ ଅନ୍ୟ ବହୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାଙ୍କ ଜୀବନରେ ମାଇକ୍ରୋ-କ୍ରେଡିଟର ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି, ଯେଉଁମାନଙ୍କ ପାଇଁ ମୁଖ୍ୟସ୍ରୋତ ବ୍ୟାଙ୍କିଙ୍ଗ୍ ସେବା ପାଇବାକୁ ସୀମିତ ସୁଯୋଗ ରହିଥିଲା। ତାଙ୍କ ସାହସ ଏବଂ ଏକାଗ୍ରତାର କାହାଣୀ ତାଙ୍କୁ ତାଙ୍କ ପରିବାରକୁ ଦାରିଦ୍ର୍ୟ ମଧ୍ୟରୁ ଆର୍ଥିକ ସ୍ଥିରତା ଆଡକୁ ଅଗ୍ରସର କରାଇବାର ଦୀର୍ଘପଥ ଅଗ୍ରସର କରାଇଛି। ପୁଷ୍ପାଞ୍ଜଳିଙ୍କର ଚାରିଜଣିଆ ପରିବାରରେ ତାଙ୍କ ସ୍ୱାମୀ ଏବଂ ଦୁଇଜଣ ବଡ ପିଲା ଅଛନ୍ତି, ଯେଉଁମାନେ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ କରୁଥିଲେ। ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ଏକ କ୍ଷୁଦ୍ର ତନ୍ତ ଦୋକାନରେ ଜଣେ ସହାୟକ ଭାବେ କାମ କରନ୍ତି। ତାଙ୍କ କାର୍ଯ୍ୟରୁ ମିଳୁଥିବା ଅତି ସ୍ୱଳ୍ପ ଆୟ ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ନଥିଲା। ସେମାନଙ୍କ ଅବସ୍ଥା ଏତେ ଖରାପ ଥିଲା ଯେ ସେମାନେ ପରିବାର ପାଇଁ ଦିନକରେ ଗୋଟିଏ ଥର ପେଟପୁରା ଖାଇବା ଯୋଗାଡ କରିବାକୁ ଅସମର୍ଥ ଥିଲେ। ପ୍ରତିଟି ଦିନ ଅତିବାହିତ ହେବାସହିତ



ସେମାନଙ୍କ ଅବସ୍ଥା ଅଧିକରୁ ଅଧିକ ଖରାପ ହେବାକୁ ଲାଗିଲା, ଏବଂ ସେମାନଙ୍କୁ ଅଣଆନୁଷ୍ଠାନିକ ଋଣଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଲା, ଯାହା ମାତ୍ରାଧିକ ସୁଧହାର ଯୋଗୁଁ ସେମାନଙ୍କ ପାଇଁ ଅଧିକ ବୋଝ ହୋଇପଡିଲା। ଏଭଳି ପରିସ୍ଥିତିରେ ଭାଙ୍ଗିପଡିଥିବା ପୁଷ୍ପାଞ୍ଜଳି ନିଜେ ଆର୍ଥିକ ସ୍ୱାବଲମ୍ବୀ ହୋଇ ପରିବାରର ସ୍ଥିତିରେ ଉନ୍ନତି ଆଣିବାକୁ ସ୍ଥିରକଲେ। ସେ ଅଧିକାର ମାଇକ୍ରୋଫାଇନାନ୍ସର ମାଇକ୍ରୋଫାଇନାନ୍ସ ସୁବିଧା ସମ୍ପର୍କରେ ଅବଗତ ହେଲେ, ଅଧିକାରର ଟିମ୍ ନିକଟରୁ ସେମାନଙ୍କ ସେବା ସମ୍ପର୍କରେ ବିସ୍ତୃତ ଭାବେ ବୁଝିବା ପରେ ସେ ତୁରନ୍ତ ଅଧିକାରର ଜଣେ ସଦସ୍ୟ ହୋଇଗଲେ। ଏକ କ୍ଷୁଦ୍ର ତନ୍ତ ଦୋକାନ ଆରମ୍ଭ କରିବାକୁ ପ୍ରଥମେ ସେ ୧୦,୦୦୦ ଟଙ୍କା ଋଣ ନେଲେ। ନିଜ ସ୍ୱାମୀଙ୍କର ବୁଣାବୁଣି ଅଭିଜ୍ଞତାକୁ ଉପଯୋଗ କରି ସେମାନେ ସୁନ୍ଦର ସୁନ୍ଦର ସମ୍ବଲପୁରୀ ଶାଢୀ ତିଆରି କରିବା ଆରମ୍ଭକଲେ, ଯାହାକୁ ଗ୍ରାହକମାନେ ଅତ୍ୟନ୍ତ ପସନ୍ଦକଲେ ଏବଂ ସେମାନଙ୍କର ଆୟ ବୃଦ୍ଧିପାଇବାକୁ ଲାଗିଲା। ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ବଳରେ ତାଙ୍କ ବ୍ୟବସାୟ ଲୋକପ୍ରିୟତା ହାସଲ କଲା ଏବଂ ତାହା ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିଲା। ସେମାନେ ମାସକୁ ୬୦୦୦ରୁ ୭୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିବା ଆରମ୍ଭକଲେ। ତାଙ୍କର ପ୍ରଥମ ଋଣ ଅର୍ଥ ସଫଳତାର ସହିତ ପରିଶୋଧ କରିବାପରେ ସେ ନିଜ ବ୍ୟବସାୟ ସମ୍ପ୍ରସାରଣ କରିବାକୁ ଆଉ ୩୫,୦୦୦ ଟଙ୍କା ଋଣ ନେଲେ। କଠିନ ପରିଶ୍ରମ, ଅଧ୍ୟବସାୟ ଏବଂ ଅଧିକାର ନିକଟରୁ ସାମାନ୍ୟ ସମର୍ଥନ ପାଇ ପୁଷ୍ପାଞ୍ଜଳି ତାଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ସମର୍ଥ ହେଲେ।

## ତାରିଣୀ ମା'ଙ୍କ ବରିଷ୍ଠ ପୂଜକଙ୍କ ଦେହାନ୍ତ

ଗୋଳାବନ୍ଧ(ପିଏନ)-ଘଟଗାଁ ତାରିଣୀ ମନ୍ଦିରର ବରିଷ୍ଠ ପୂଜକ ଦୁର୍ଯ୍ୟୋଧନ ଦେହୁରୀ(୯୮)ଙ୍କ ଆଜି ସକାଳେ ଗୋଳାବନ୍ଧ ସ୍ଥିତ ନିଜ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ବାର୍ଦ୍ଧକ୍ୟ କାରଣରୁ ସେ ଦୀର୍ଘଦିନ ହେବ ଅସୁସ୍ଥ ଥିଲେ। ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ସମସ୍ତ ପୁଅ, ଝିଅ, ନାତି, ନାତୁଣୀମାନେ ଉପସ୍ଥିତ ଥିଲେ। ଅଂଚଳର ବହୁ ବରିଷ୍ଠ ନେତୃବୃନ୍ଦ ଦର୍ଶନ କରିବା ପରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମା'ତାରିଣୀଙ୍କ ବରିଷ୍ଠ ପୂଜକଙ୍କ ମୃତ୍ୟୁ ଖବର ଶୁଣିବା ପରେ ଗୋଳାବନ୍ଧ ଠାରୁ ଆରମ୍ଭ କରି ଘଟଗାଁ ଅଂଚଳରେ ଶୋକର ଛାୟା ଖେଳିଯାଇଛି।

# କାଦୁଅ ବିଲରେ ଫସି ହାତୀ ଶାବକର ମୃତ୍ୟୁ

କେନ୍ଦୁଝର(ପିଏନ)-ଭୂୟାଁ ଜୁଆଙ୍ଗ ପୀଢ କୁଶକଳା ବିଟ୍ ଅନ୍ତର୍ଗତ ନଡାପାଣି ଗାଁ ବିଲ କାଦୁଅରେ ଫସି ଗୋଟିଏ ୨ବର୍ଷର ହାତୀ ଶାବକର ମୃତ୍ୟୁ ହୋଇଥିବା ଜଣାପଡିଛି। ୯ଟି ହାତୀ ଥିବା ଗୋଟିଏ ଦଳ ଗୁରୁବାର ଦିନ ପାହାଡତଳ ଗାଁ ନଡାପାଣିରେ ରହିଥିଲେ। ଏହି ଦଳରେ ୨ଟି ଦନ୍ତା, ୪ଟି ମାଈ ଓ ୩ଟି ଛୁଆ ହାତୀ ଥିଲେ। ବନବିଭାଗର ସ୍କ୍ୱାର୍ଡ ମଧ୍ୟ ଏହି ଦଳ ଉପରେ ତୀକ୍ଷଣ ନଜର ରଖିଥିଲା। ତେବେ ଭୋର ସମୟରେ ହାତୀ ଦଳ କାଦୁଅ ବିଲ ଦେଇ ଯାଉଥିବାବେଳେ ୨ବର୍ଷର ଶାବକଟି କାଦୁଅରେ ଫସି ଯାଇଥିଲା। ଅନ୍ୟ ହାତୀମାନେ ଶାବକଟିକୁ କାଦୁଅରୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ



ହୋଇଥିଲେ। ଶୁକ୍ରବାର ସକାଳୁ ସ୍ଥାନୀୟ ଲୋକେ ହାତୀ ଗର୍ଜନ ଶୁଣି ବନବିଭାଗକୁ ଖବର ଦେଇଥିଲେ। ବିଜେପି ରେଞ୍ଜର ମାନସ କୁମାର ମୁର୍ମୁ,ଶୁଆକାଟୀ ଫରେଷ୍ଟର ଟିକେଶ୍ୱର ମହାନ୍ତ ଏବଂ ଅନ୍ୟ ବନ କର୍ମଚାରୀ ଘଟଣାସ୍ଥଳରେ ସକାଳ ୯ଟା ସମୟରେ ପହଞ୍ଚିବା ବେଳକୁ ହାତୀ ଶାବକଟିର ମୃତ୍ୟୁ ହୋଇଯାଇଥିବା ଦେଖିବାକୁ ମିଳିଥିଲା। କେନ୍ଦୁଝର ଡିଏଫ୍‌ଓ ସ୍ୱୟମ ମଲ୍ଲିକ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଥିବାବେଳେ ଶନିବାର ଦିନ ହାତୀ ଶାବକଟିର ଶବ ବ୍ୟବଛେଦ କରାଯିବ ବୋଲି ଜଣାପଡିଛି।

## କୋରନ୍ଦ ପଞ୍ଚାୟତରେ ସ୍ୱଚ୍ଛ ଭାରତ ଯୋଜନା ପ୍ରକଳ୍ପର ବେଆଇନ କାର୍ଯ୍ୟାନ୍ୱୟନ ପ୍ରତିବାଦରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

କେନ୍ଦ୍ରାପଡା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲାର ରାଜକନିକା ବ୍ଲକ ଅନ୍ତର୍ଗତ କୋରନ୍ଦ ଗ୍ରାମ ପଞ୍ଚାୟତରେ ୨୦୨୩-୨୪ ଆର୍ଥିକ ବର୍ଷରେ ସ୍ୱଚ୍ଛ ଭାରତ ଯୋଜନାରେ ସରପଞ୍ଚଙ୍କ ଅଗୋଚରରେ ଏବଂ ସାଧାରଣ ଜନତାଙ୍କ ସ୍ୱାର୍ଥ ବିରୋଧୀ ସ୍ଥାନରେ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ହେଉଥିବାରୁ ତାହା ବିରୋଧରେ ପଞ୍ଚାୟତବାସୀଙ୍କ ପକ୍ଷରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ସେମାନଙ୍କର ଅଭିଯୋଗ ହେଉଛି ଯେ ରାଜକନିକା ବ୍ଲକର କନିଷ୍ଠ ଯନ୍ତ୍ରୀ ମନମୁଖୀ ଭାବେ ସ୍ୱଚ୍ଛ ଭାରତ ଯୋଜନାରେ ନିରୂପିତ ହୋଇଥିବା ସ୍ଥାନ ବଦଳରେ ଅନ୍ୟ ସ୍ଥାନରେ ପ୍ରକଳ୍ପ କାର୍ଯ୍ୟାନ୍ୱୟନ କରୁଥିବାରୁ ତାହାଦ୍ୱାରା ସର୍ବସାଧାରଣ ଉପକୃତ ହୋଇପାରିବେ ନାହିଁ। ଏହି ପଞ୍ଚାୟତର ସରପଞ୍ଚ ଜଣେ ଦଳିତ ସମ୍ପ୍ରଦାୟର ମହିଳା ହୋଇଥିବାରୁ ତାଙ୍କୁ ଉପେକ୍ଷା କରାଯାଇ ଏଭଳି କାର୍ଯ୍ୟ କରାଯାଉଥିବା ଅଭିଯୋଗ ହୋଇଛି। ଯଦି ଏହି ଘଟଣାର ତଦନ୍ତପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ କର୍ତ୍ତୃପକ୍ଷ ଏଥିପାଇଁ ଦାୟୀ ରହିବେ ବୋଲି ପଞ୍ଚାୟତବାସୀଙ୍କ ପକ୍ଷରୁ କୁହାଯାଇଛି। ପଞ୍ଚାୟତର ସରପଞ୍ଚ ଗୀତାଞ୍ଜଳି ସେଠୀଙ୍କ ନେତୃତ୍ୱରେ ପଞ୍ଚାୟତବାସୀ ଧାରଣାସ୍ଥଳରେ ବସି ରହିଥିବା ଦେଖାଯାଇଛି।

# ରାଜ୍ୟରେ ନାରୀ ଅସୁରକ୍ଷିତ ଓ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ

ଭୁବନେଶ୍ୱର (ପିଏନ)- ତିର୍ତୋଲ ଅଂଚଳର ଜୈନିକା ନାବାଳିକାକୁ କଟକର ଚାଉଳିଆଗଞ୍ଜ ଥାନା ଅଧିନସ୍ଥ ଗତିରାଉତପାଟଣାର ଏକ ପରିତ୍ୟକ୍ତ ଘରେ ୨୨ ଦିନ କାଳ ବନ୍ଦି କରି ରଖି ଗଣଦୁଷ୍କର୍ମ କରିବା ଘଟଣାରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ନାରୀ ଅସୁରକ୍ଷିତ ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର। ଘଟଣା ସଂପର୍କରେ ପୋଲିସ ପାଖରେ ଅପରାଧିଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ହେବାର ୪୮ ଘଂଟା ବିତି ଯାଇଥିଲେ ମଧ୍ୟ ଅପରାଧିଙ୍କୁ ପୋଲିସ ଧରିବାରେ ବିଫଳ। ସମଗ୍ର ଦେଶରେ ଦଣ୍ଡହାର ଠାରୁ ରାଜ୍ୟର ଦଣ୍ଡ ହାର ସର୍ବନିମ୍ନ। ଯେଉଁଥି ପାଇଁ ଅପରାଧିମାନେ ଅପରାଧ ଘଟାଇବା ପାଇଁ ପଛଘୁଂଚା ଦେଉନାହାନ୍ତି ଏବଂ ଅପରାଧିମାନଙ୍କୁ ଦଣ୍ଡ ଦେବା ପାଇଁ ସରକାରଙ୍କର ମାନସିକତା ମଧ୍ୟ ନାହିଁ। କାରଣ ଦୀର୍ଘ ୨୦ ବର୍ଷର ଶାସନ କାଳରେ ଅଧିକାଂଶ ଅପରାଧିକ ଘଟଣାରେ ସରକାରୀ ଦଳର କର୍ମୀ ସଂପୃକ୍ତ ହୋଇଥିବାରୁ ତଦନ୍ତକାରୀ ସଂସ୍ଥା ଅପରାଧିଙ୍କ ପ୍ରତି କୋହଳ ମନୋଭାବ ରଖି ଅଭିଯୋଗ ଫର୍ଦ୍ଦ ଦାଖଲ କରୁଥିବାରୁ ଅପରାଧିମାନେ ଅପରାଧ



ଘଟାଇ ଖସିବାରେ ସଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିବା ସହିତ ରାଜ୍ୟରେ ପିପିଲିର ବେବିନା, ଟିକିରି ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ ଓ ଆୟୁଷ ଡାକ୍ତରାଣୀ ମାଧବୀଲତା ଘଟଣାକୁ ରାଜ୍ୟ ସରକାର ଯେଭଳି ଭାବେ ତଦନ୍ତ କରାଇଲେ ତାହା ସମସ୍ତ ରାଜ୍ୟବାସୀ ଅବଗତ। ବିଶେଷକରି କୁନ୍ଦୁଲି ଘଟଣାରେ ସରକାରଙ୍କର ତଦନ୍ତ ଏବଂ ମାତ୍ରାଧିକ ଚାପ ସହି ନପାରି କୁନ୍ଦୁଲି ପୀଡିତା ଆତ୍ମହତ୍ୟା କରିଥିଲେ। ତେଣୁ ତିର୍ତୋଲ ପୀଡିତାଙ୍କ କ୍ଷେତ୍ରରେ କୁନ୍ଦୁଲି ଘଟଣାର ଯେଭଳି ପୁନରାବୃତି ନହେଉ, ସେଥିପାଇଁ ରାଜ୍ୟ ସରକାର ଉଚ୍ଚସ୍ତରୀୟ କ୍ରାଇମ୍‌ବ୍ରାଂଚ ତଦନ୍ତ କରାଇବା ସହିତ ପରିବାରକୁ ସୁରକ୍ଷା, ପୀଡିତା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ତା'ର ସମସ୍ତ ଭରଣପୋଷଣ ଖର୍ଚ୍ଚ ଓ ମାଗଣା ଶିକ୍ଷା ସହିତ ପୀଡିତାର ପରିବାରକୁ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାରେ ସାମିଲ କରି ସାମାଜିକ ସୁରକ୍ଷା ପ୍ରଦାନ, ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ରଶ୍ମି ମହାପାତ୍ର, ଜିନେ୍ ଦାସ, ନାରାୟଣ ଜେନା, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ




# ନେତାଜୀ ଉଚ୍ଚ ବିଦ୍ୟାଳୟରେ ସାହିତ୍ୟ ସୃଜନୀ ଉତ୍ସବ



ମାଲକାନଗିରି,(ପି.ଏନ): ସ୍କୁଲ ଓ ଗଣଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ପିଟାକଟା ନେତାଜୀ ଉଚ୍ଚ ବିଦ୍ୟାଳୟ ଠାରେ ବିଦ୍ୟାଳୟ ସ୍ତରୀୟ ଆକାଂକ୍ଷା ସାହିତ୍ୟ ସୃଜନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍କଳ ସାହିତ୍ୟ ସଂସଦ ସଭାପତି ତଥା ସୁସାହିତ୍ୟିକ କେଶବ ଚନ୍ଦ୍ର ନାୟକ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ କବି ଦୁର୍ଯ୍ୟୋଧନ ମହାରଣା, ବିଧାୟକ ପ୍ରତିନିଧି ସୁକଲନୀ ସରକାର ,ତୁମୁଷା ପଲ୍ଲୀ ସରପଞ୍ଚ ଦେବା କବାସି ଏବଂ ସ୍କୁଲ ପରିଚାଳନା ସଭାପତି ଇର୍ମା କବାସି ମଞ୍ଚାସୀନ ଥିଲେ । ବିଦ୍ୟାଳୟ ରେ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ପରିଡା ମଞ୍ଚ ପରିଚାଳନା କରିଥିଲେ । ଏହି ପରିପ୍ରେକ୍ଷୀରେ ମୁଖ୍ୟ ଅତିଥି ଶ୍ରୀ ନାୟକ କହିଥିଲେ ରାଜ୍ୟ ସରକାର ବର୍ତ୍ତମାନ ଓଡ଼ିଆ ଭାଷା ସାହିତ୍ୟର ସମୃଦ୍ଧି ଲାଗି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରି ସାହିତ୍ୟ ସୃଜନୀକୁ ପ୍ରୋତ୍ସାହିତ କରିବା ଅତି ଗୌରବର ବିଷୟ । ମାଲକାନଗିରି ଭଳି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଓଡିଆ ଭାଷା ସାହିତ୍ୟର ସଂକଟ ସମୟରେ ଦୀର୍ଘ ୨୫ ବର୍ଷ ହେଲା ଉତ୍କଳ ସାହିତ୍ୟ ସଂସଦ ଓଡ଼ିଆ ଭାଷା ସାହିତ୍ୟ ପ୍ରଚାର ପ୍ରସାର ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଆସିଛି । ବିଭିନ୍ନ ସମୟରେ କବି ସମ୍ମିଳନୀ କରି କବି କବୟିତ୍ରୀମାନଙ୍କ ସୃଜନୀ କବିତା ଗୁଡ଼ିକୁ ପାଠୋତ୍ସବରେ ସ୍ଥାନିତ କରି ମାନପତ୍ର ପ୍ରଦାନ କରିବା ସଂପର୍କରେ ବିଶିଷ୍ଟ ସାହିତ୍ୟିକ ଶ୍ରୀନାୟକ ମତବ୍ୟକ୍ତ କରିଥିଲେ । ଆଜି ଛାତ୍ରଛାତ୍ରୀମାନେ ଗଳ୍ପ ଓ କବିତା ଲେଖିବା ସହ ମଞ୍ଚରେ ପଠନ କରି ସେମାନଙ୍କ ସୃଜନୀ ସାହିତ୍ୟର ଅନ୍ତର୍ନିହିତ ଗୁଣାବଳୀକୁ ପ୍ରତିପାଦିତ କରିବା ରେ ଯେଉଁ ପ୍ରୟାସ କରାଯାଇଛି, ନିହାତି ପ୍ରଶଂସନୀୟ ପଦକ୍ଷେପ । ଏଣୁ ଓଡ଼ିଆ ଭାଷା ବଞ୍ଚିଲେ,ଓଡ଼ିଆ ସାହିତ୍ୟର ବିକାଶ ସମ୍ଭବ । ଏହି ସାହିତ୍ୟ ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ ହସ୍ତରେ ନ୍ୟସ୍ତ । ମୁଖ୍ୟବକ୍ତା ଦୁର୍ଯ୍ୟୋଧନ ମହାରଣା ସାହିତ୍ୟ ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହିତ ଆଗାମୀ ଦିନରେ ଛାତ୍ରଛାତ୍ରୀମାନେ ଭଲ କବି ଓ ଲେଖକ ହେବା ପାଇଁ ଉପଦେଶ ପ୍ରଦାନ କରିଥିଲେ । ଏହି ଅବକାଶରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱରଚିତ ଗଳ୍ପ ଓ କବିତା ଆବୃତ୍ତି କରାଯାଇଥିଲା । ଅନ୍ୟାନ୍ୟ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ସାହିତ୍ୟ ସୃଜନୀ କ୍ଲବ୍ ର ମୁଖ୍ୟ ଭାବେ ଶିକ୍ଷକ ସୁରେଶ କୁମାର ପଣ୍ଡା,କୋଶଳୀ ଓ ଜିଜ୍ଞାସା କ୍ଲବ୍ ମୁଖ୍ୟ ଭାବେ ଶିକ୍ଷକ ସୂର୍ଯ୍ୟ ନାରାୟଣ ନାୟକ, କ୍ରୀଡାଙ୍ଗ କ୍ଲବ୍ ମୁଖ୍ୟ ଭାବେ ଶିକ୍ଷକ ଅଭିମନ୍ୟୁ ପାଣିଗ୍ରାହୀ ଦାୟିତ୍ୱ ନିର୍ବାହ କରିଥିଲେ । ଅନ୍ୟମାନଙ୍କ ଲମ୍ବୋଦର ରାଉତ,ବାବୁଲା ନାୟକ, ସୁବାସ ଚନ୍ଦ୍ର ମହାପାତ୍ର ପୂର୍ଣ୍ଣ ସହଯୋଗ କରିଥିଲେ ।

# ଓଡ଼ିଶୀ ରସରେ ଦର୍ଶକ ବିମୁଗ୍ଧ : ମୁକ୍ତେଶ୍ୱର ନୃତ୍ୟ ଉତ୍ସବ ୨୦୨୪ର ଉଦ୍ୟାପନୀ ସନ୍ଧ୍ୟା



ଭୁବନେଶ୍ୱର,(ପି.ଏନ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଦ୍ୱାରା ଦଶମ ଶତାବ୍ଦୀରେ ନିର୍ମିତ କାରୁକାର୍ଯ୍ୟପୂର୍ଣ୍ଣ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ମୁକ୍ତେଶ୍ୱର ଉତ୍ସବର ଉଦ୍ୟାପନୀ ସନ୍ଧ୍ୟାରେ ଭରପୁର ଦର୍ଶକ ଓଡ଼ିଶୀ ନୃତ୍ୟକୁ ଉପଭୋଗ କରିଥିଲେ । ସଂଧ୍ୟାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ମାତୃପ୍ରସାଦ ଦାସ ଓ ସାଥୀଙ୍କ ଦ୍ୱାରା ଶିବ ବନ୍ଦନା ହର ହର ଶଙ୍କର ଭୋଲା ମହେଶ୍ୱର ପରିବେଷଣରୁ । ଓଡ଼ିଶୀ ନୃତ୍ୟର ଏକକ ପର୍ଯ୍ୟାୟରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଯଜ୍ଞାଦତ୍ତ ପ୍ରଧାନଙ୍କ ଦ୍ୱାରା ମହାଭାରତରୁ ଉଦ୍ଧୃତ ଡ଼ଃ. ଶ୍ରୀନିବାସ ଘଟୁଆରିଙ୍କ ଦ୍ୱାରା ଲିଖିତ ଅଭିନୟ କର୍ଣ୍ଣ ପରିବେଷିତ ହୋଇଥିଲା ଯାହାର ସଙ୍ଗୀତ ସଂଯୋଜନା ଗୁରୁ ରାମହରି ଦାସ, ବାଦ୍ୟ ସଂଯୋଜନା ଗୁରୁ ଧନେଶ୍ୱର ସ୍ୱାଇଁ ଏବଂ ନୃତ୍ୟ ସଂରଚନା କରିଥିଲେ ଗୁରୁ ବିଚିତ୍ରା ନନ୍ଦ ସ୍ୱାଇଁ । ଯୁଗ୍ମ ନୃତ୍ୟ ପର୍ଯ୍ୟାୟରେ ସ୍ୱର୍ଣ୍ଣମୟୀ ବେହେରା ଓ ସ୍ୱିକୃତୀ ଦାସଙ୍କ ଦ୍ୱାରା ପ୍ରଥମେ ପଲ୍ଲବୀ ଯାହା ରାଗ ଝିଂଝୋଟୀ ଓ ତାଳ ଏକତାଳୀ ଉପରେ ନିବଦ୍ଧ ଥିଲା ଯାହାର ସଙ୍ଗୀତ ସଂଯୋଜନା ଗୁରୁ ସ୍ୱପ୍ନେଶ୍ୱର ଚକ୍ରବର୍ତ୍ତୀ, ତାଳ ସଂଯୋଜନା ଗୁରୁ ସଚ୍ଚିଦାନନ୍ଦ ଦାସ ଓ ନୃତ୍ୟ ସଂରଚନା କରିଥିଲେ ଗୁରୁ ମୀରା ଦାସ । ପରେ ପରେ ତାଙ୍କ ପ୍ରସ୍ତୁତିରେ ଥିଲା ମଦନ ମନହୋର ସ୍ତୋତ୍ରମ୍ ଯାହାର ସଙ୍ଗୀତ ସଂଯୋଜନା ଗୁରୁ ରୂପକ୍ କୁମାର ପରିଡ଼ା, ତାଳ ସଂଯୋଜନା ଗୁରୁ ସଚ୍ଚିଦାନନ୍ଦ ଦାସ ଓ ନୃତ୍ୟ ସଂରଚନା କରିଥିଲେ ଗୁରୁ ମୀରା ଦାସ । ଅଁ'ମ ସଂଧ୍ୟାର ଶେଷ କାର୍ଯ୍ୟକ୍ରମ ଥିଲା ଦଳଗତ ଓଡ଼ିଶୀ ନୃତ୍ୟ ଯାହାକୁ ପରିବେଷଣ କରିଥିଲେ ସ୍ୱପ୍ନାରାଣୀ ସିହ୍ନାଙ୍କ ଦ୍ୱାରା ପ୍ରତିଷ୍ଠିତ ନୃତ୍ୟନୀଳୟ ଅନୁଷ୍ଠାନର ଶିଳ୍ପୀମାନେ । ସେମାନେ ପ୍ରଥମେ ଶବ୍ଦ ରଙ୍ଗ ଯାହା ରାଗ ରାଗମାଳିକା ଓ ତାଳ ଆଦିତାଳ ଉପରେ ନିବଦ୍ଧ ଥିଲା ପରିବେଷଣ କରିଥିଲେ । ଏହାର ବାଦ୍ୟ ସଂଯୋଜନା ଗୁରୁ ଧନେଶ୍ୱର ସ୍ୱାଇଁ, ସଙ୍ଗୀତ ସଂଯୋଜନା ଗୁରୁ ସୁକାଂ' କୁମାର କୁଣ୍ଡୁ ଏବଂ ନୃତ୍ୟ ସଂରଚନା ଗୁରୁ ସ୍ୱପ୍ନାରାଣୀ ସିହ୍ନା କରିଥିଲେ । ତାଙ୍କର ଅଁ'ମ ପ୍ରସ୍ତୁତିଟି ଥିଲା ତ୍ରୀବେଣୀ ସଙ୍ଗମ୍ ଯାହା ରାଗ ରାଗମାଳିକା ଓ ତାଳ ତାଳମାଳିକା ଉପରେ ପର୍ଯ୍ୟବେଷିତ ଥିଲା । ଯାହାର ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ରାମହରି ଦାସ, ବାଦ୍ୟ ସଂଯୋଜନା ଗୁରୁ ଧନେଶ୍ୱର ସ୍ୱାଇଁ ଏବଂ ନୃତ୍ୟ ସଂରଚନା କରିଥିଲେ ଗୁରୁ ସ୍ୱପ୍ନାରାଣୀ ସିହ୍ନା ।

# କନ୍ଧମାଳ ଜିଲ୍ଲା ଡିଜିଟାଲ ମିଡିଆ ଆସୋସିଏସନର ସାଧାରଣ ବୈଠକ

ଫୁଲବାଣୀ,(ପି.ଏନ): କନ୍ଧମାଳ ଜିଲ୍ଲା ଡିଜିଟାଲ ମିଡିଆ ଆସୋସିଏସନର ଏକ ସାଧାରଣ ବୈଠକ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ବନାନୀ କଳା ସଙ୍ଗମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା ବରିଷ୍ଠ ସାମ୍ବାଦିକ, ପ୍ରେସ କ୍ଲବ ସଭାପତି ତଥା ଡିଜିଟାଲ ମିଡିଆ ଆସୋସିଏସନର ପରାମର୍ଶଦାତା ସୁନୀଲ ପଟ୍ଟନାୟକଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ, ରାଜ୍ୟ ଡିଜିଟାଲ ମିଡିଆର ପରାମର୍ଶ ଦାତା ଡଃ ଅରୂପ କୁମାର ଜେନା, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସମାଜସେବୀ ତଥା ସାମ୍ବାଦିକ ଅଶୋକ ପରିଡା, ସାମ୍ବାଦିକ ତଥା କେପି ଏଫ ର ପ୍ରତିଷ୍ଠାତା ରାଧାମୋହନ ମହାପାତ୍ର, କନ୍ଧମାଳ ମିଡିଆ ଫୋରମ ସଭାପତି ସନ୍ତୋଷ ଦିଗାଲ ପ୍ରମୁଖ ଯୋଗ ଦେଇ ସାମ୍ବାଦିକ ମାନଙ୍କ ପେନସନ୍ ଯୋଜନା, ବ୍ୟକ୍ତିଗତ ସୁରକ୍ଷା ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେହିପରି ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ନାରାୟଣ ସାହୁ, ଗୋପାଳ କୃଷ୍ଣ ପଟନାୟକ, ପ୍ରଶାନ୍ତ ବେହେରା, ବିରେନ୍ଦ୍ର ସୁବୁଦ୍ଧି, କାହ୍ନୁ ଶତପଥୀ,ଡିଜିଟାଲ ମିଡିଆ ଆସୋସିଏସନର ସଭାପତି କ୍ଷିତିଶ ମଲ୍ଲିକ, ସମ୍ପାଦକ ସୁଧୀର ମହାରଣା, ଆଇନ ଉପଦେଷ୍ଟା ଆଦିତ୍ୟ ପ୍ରସାଦ ତ୍ରିପାଠୀ,ଜୟ ସେନ ପରିଡା, ଅମ୍ବୁଜ ବେହେରା, ଅଚ୍ୟୁତ ସେଠୀ, ବ୍ରଜ ନାୟକ, ଶିବ ପ୍ରସାଦ ନାୟକ,ଅଶୋକ ମହାନ୍ତି, ସୁବ୍ରତ ମହାନ୍ତି ପ୍ରମୁଖ ସତ୍ୟ ଓ ନିରପେକ୍ଷ ସମ୍ବାଦ ପରିବେଷଣ କରି ଲୋକଙ୍କ ବିଶ୍ୱାସ ଭାଜନ ହେବା ପାଇଁ ପରାମର୍ଶ ଦେଇଥିଲେ ।

# ନୂଆ-ଓ ଜିଲ୍ଲାସ୍ତରୀୟ ହକି ପ୍ରତିଯୋଗିତାରେ ଡି.ଏ.ଭି ପବ୍ଲିକ ସ୍କୁଲ ପି.ପି.ଏଲ୍ ବିଜୟୀ



ପାରାଦୀପ ,(ପି.ଏନ): ଏଡି.ଏ.ଭି ପବ୍ଲିକ ସ୍କୁଲ ପି ପି ଏଲ୍ ଠାରେ ଶୁକ୍ରବାର ଦିନ ନୂଆ-ଓ ଅନ୍ତର୍ଗତ ଜିଲ୍ଲା ସ୍ତରୀୟ ହକି ପ୍ରତିଯୋଗିତା କ୍ରୀଡା ଅଧିକାରୀଣି ଶ୍ରୀମତୀ ବିଶ୍ୱ ବିଜୟିନୀ ପଟ୍ଟନାୟକଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନୀ ଉତ୍ସବରେ ଡି.ଏ.ଭି ପିପିଏଲ ସ୍କୁଲର ଅଧକ୍ଷ ସଞ୍ଜୀବ କୁମାର ସାହୁ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ କ୍ଷ ଏହି ଜିଲ୍ଲା ସ୍ତରୀୟ ମହିଳା ହକି ପ୍ରତିଯୋଗିତା ପାରାଦୀପ ପୌରପାଳିକାର ତିନୋଟି ମହିଳା ହକି ଦଳ ତଥା ଜଗତସିଂହପୁରର ଗୋଟିଏ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା କ୍ଷ ଏହି ମହିଳା ହକି ପ୍ରତିଯୋଗତାରେ ଡି.ଏ.ଭି ପିପିଏଲ ର ଏ ଦଳ ଚାମ୍ପିଅନ ହୋଇଥିଲେ ଓ ଡିଏଭି ପିପିଏଲ ର ବି ଦଳ ଦ୍ୱିତୀୟ ଓ ସି ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହି ଖେଳକୁ ସୁମିତ ଲାକ୍ରା, ବିନୟ ଖିଲାର, ସମ୍ବିତ ବିଶ୍ୱଭୂଷଣ, ଅଙ୍କିତ ବେହେରା, ସାଇ ସୂର୍ଯ୍ୟନ୍ସ, ଖିତିସ ସ୍ୱାଇଁ ପରିଚାଳନା କରିଥିଲେ । ଏହି ଜିଲ୍ଲା ସ୍ତରୀୟ ମହିଳା ହକି ପ୍ରତିଯୋଗିତାଟି ଡିଏଭି ପିପିଏଲ ର ମୁଖ୍ୟ କ୍ରୀଡ଼ା ଶିକ୍ଷକ ଶାଶ୍ୱତ କୁମାର ଭାରତୀୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁଚାରୁ ରୂପେ ଆୟୋଜିତ ହୋଇଥିଲା ।

# ଅନୁଗୋଳ ଜିଲ୍ଲା ମହୋତ୍ସବ ପ୍ରତି ବର୍ଷଠାରୁ ଏଥର ନିକୃଷ୍ଟ କାହିଁକି ? ସାଧାରଣରେ ପ୍ରଶ୍ନ

ଅନୁଗୋଳ,(ପି.ଏନ): ଅନୁଗୋଳ ଜିଲ୍ଲା ମହୋତ୍ସବ ଆରମ୍ଭ ଦିନରୁ ପାଳନ ନେଇ କିଛି ନା କିଛି ବିବାଦ ରହି ଆସିଛି। ପ୍ରଥମେ ଅନୁଗୋଳ ଜିଲ୍ଲା ମହୋତ୍ସବର ନାମକରଣକୁ ବିବାଦ ଥିଲା ଓ ଜିଲ୍ଲାପାଳ ସେତେବେଳେ ୨୧୭ଟି ନାମ ସାଧାରଣରୁ ଆହ୍ୱାନ କରି ପାଇଥିଲେ ମଧ୍ୟ ଅନୁଗୋଳ ଜନ ଜୀବନ ବା କୌଣସି ସାମଜସ୍ୟ ନ ଥିବା 'ତରଙ୍ଗ' ବୋଲି ମହୋତ୍ସବର ନାମକରଣ କରି ବିବାଦକୁ ଆସିଥିଲେ । ସେତେବେଳେ ଅନୁଗୋଳବାସୀଙ୍କ ବିରୋଧ ଜୋରଦାର ଥିଲା ଯଦିଓ ଚିତାକର୍ଷକ କାର୍ଯ୍ୟକ୍ରମ କିଛିକାଂଶରେ ଜନସାଧାରଣଙ୍କ ମନକୁ ଛୁଇଁ ନେଇଥିଲା । ହେଲେ ଜିଲ୍ଲା ମହୋତ୍ସବ କିଛି ଘାତପ୍ରତିଘାତ ଦେଇ ଚାଲି ଆସୁଥିବା ବେଳେ କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରଶାସନ ସମ୍ପାଦନ କରୁଥଲେ ଓ ଏକ ସଂଗଠନ ଅନୁଗୋଳ ସଂସ୍କୃତି ପରିଷଦ ନାମରେ ଗଠନ କରାଯାଇ କାର୍ଯ୍ୟକ୍ରମ ବଂଟନ ସହ କିଛି ଜିଲ୍ଲାର ବୁଦ୍ଧିଜୀବୀ, ସାମ୍ବାଦିକ ଓ ସଂସ୍କୃତି ସମ୍ପର୍ଣ୍ଣ ବ୍ୟକ୍ତିଙ୍କ ସହଯୋଗ ନିଆଯାଉଥିଲା । କିନ୍ତୁ ଦୁଃଖ ଓ ଅନୁତାପର ବିଷୟ ଜିଲ୍ଲା ପ୍ରଶାସନର ମନମୁଖୀ କାର୍ଯ୍ୟ ଯୋଗୁଁ ଆରମ୍ଭରୁ ଗଠନ ହୋଇଥିବା ସଂସ୍କୃତି ପରିଷଦକୁ ନ ନିଆଯାଇ ମହୋତ୍ସବର ସମସ୍ତ ପ୍ରସ୍ତୁତି କାର୍ଯ୍ୟ କରାଗଲା । କିଛି ନିଜ ପାଖ ଲୋକଙ୍କୁ ଡାକି ଜିଲ୍ଲା ପ୍ରଶାସନ ମହୋତ୍ସବକୁ ଡେଇଁ ପଡିଲେ । ମହୋତ୍ସବ ପାଇଁ ବିଗତ ଦିନରେ ଯେତେ ଗୁଡିଏ ପ୍ରସ୍ତୁତି କମିଟି ବୈଠକ ହୋଇଥାଏ, ସବୁଥିରେ ସଂସ୍କୃତି ପରିଷଦର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ସଭାପତିତ୍ୱ କରୁଥିବା ବେଳେ, ଏଥର କିନ୍ତୁ ତାର ବ୍ୟତିକ୍ରମ ଦେଖାଯାଇଥିଲା । ଜିଲ୍ଲାପାଳଙ୍କ ଉପସ୍ଥିତିରେ ଅନୁଗୋଳ ବିଧାୟକ ପ୍ରସ୍ତୁତି କମିଟି ବୈଠକରେ ଅଧ୍ୟକ୍ଷତା କରିଥିଲେ । ପ୍ରତି ଥର ମହୋତ୍ସବ ପଂଚାୟତ ସ୍ତରରୁ ଆରମ୍ଭ ହୋଇ ବ୍ଲକ, ନଗର ପାଳିକାରେ ହେବା ପରେ ସେଥିରୁ ଭଲ କଳାକାରଙ୍କୁ ଚୟନ କରି ଜିଲ୍ଲା ମହୋତ୍ସବରେ ସୁଯୋଗ ଦିଆଯାଉଥିବା ବେଳେ ଚଳିତ ଥର ପଂଚାୟତ ସ୍ତରରେ ମହୋତ୍ସବ ଅନୁଷ୍ଠିତ ହୋଇ ନ ଥିଲା । ନିର୍ବାଚନ ବର୍ଷ ହେଉ ବା ଅନ୍ୟ କେଉଁ କାରଣରୁ ହେଉ ଚଳିତ ବର୍ଷ ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳିରେ ମହୋତ୍ସବ ପାଳନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଥିଲା, ଫଳରେ ଜିଲ୍ଲା ମହୋତ୍ସବ ସମୟରେ ତାଳଚେର, ଆଠମଲ୍ଲିକ ଓ ଛେଣ୍ଡିପଦା ନିର୍ବାଚନ ମଣ୍ଡଳିର ମହୋତ୍ସବ ଅନୁଷ୍ଠିତ ହେଉଥିଲା । ପାଲଲହଡା ବିଧାନସଭା ନିର୍ବାଚନ ମଣ୍ଡଳି ଟିକିଏ ଆଗରୁ ତାର ମହୋତ୍ସବ ପାଳନ କରିଥିଲା । ଅନୁଗୋଳ ବିଧାନସଭା ନିର୍ବାଚନ ମଣ୍ଡଳିର ମହୋତ୍ସବକୁ ଜିଲ୍ଲା ପ୍ରଶାସନ ଗୋଟିଏ ଗୁଳିରେ ଦୁଇଟି ଶିକାର କରି ଫାଇଦା ନେବା ଆଶାରେ କରିଦେଲେ, ଯାହାକି ଜିଲ୍ଲାର ସଂସ୍କୃତି ପରିଷଦକୁ ନ ନେଇ ନିଜ ମନ ମୁତାବକ କରିବା ହେତୁ ଦର୍ଶକ ମାନଙ୍କର ମନ କିଣିବାରେ ଜିଲ୍ଲା ପ୍ରଶାସନ ବିଫଳ ହେଲା । ପେଣ୍ଡାଲର ସମ୍ମୁଖ ଭାଗରେ ପଡିଥିବା ଅଧିକାଂଶ ଚୌକି ଖାଲି ପଡି ରହିଲା, ଯାହାକି ଅତିଥିମାନେ ସଭାରେ କ୍ଷୋଭ ପ୍ରକାଶ କଲେ । ପ୍ରତି ପଂଚାୟତରେ ମହୋତ୍ସବ ହେବାପାଇଁ ମୁଖ୍ୟମନ୍ତ୍ରୀ ଦୁଇଲକ୍ଷ ଲେଖାଏଁ ଟଙ୍କାର ବ୍ୟବସ୍ଥା କରିଥିଲେ ମଧ୍ୟ କାହିଁକି ପଂଚାୟତ ସ୍ତରିୟ କାର୍ଯ୍ୟକ୍ରମକୁ କାହା ନିର୍ଦ୍ଦେଶରେ ବନ୍ଦ କରାଗଲା ତାହା ହିଁ ତଦନ୍ତ ସାପେକ୍ଷ । ପଂଚାୟତ ସ୍ତରରୁ କଳାକାର ଚୟନ ହୋଇ ବ୍ଲକ ମହୋତ୍ସବରେ ସେମାନେ ତାଙ୍କର କଳା ପ୍ରଦର୍ଶନ କରି ଜିଲ୍ଲା ମହୋତ୍ସବରେ ଭାଗ ନେଇଥିଲେ, ସେମାନେ ସେମାନଙ୍କ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ସହ ମହୋତ୍ସବର ଉଦ୍ଦେଶ୍ୟ ସମାଧାନ ହୋଇ ପାରିଥାନ୍ତା । କିନ୍ତୁ ଜିଲ୍ଲା ପ୍ରଶାସନ କିଛି ଓଲିଉଡ ଓ ବଲିଉଡର କଳାକାରକୁ ଡାକି ଅଜସ୍ର ଟଙ୍କା ଖର୍ଚ୍ଚ କଲେ ସାଧାରଣ ଜନତା କଣ ତାର ସୁଫଳ ପାଇଲେ ? ଜିଲ୍ଲା ମହୋତ୍ସବରେ ବ୍ୟାପକ ଅର୍ଥ ବିଭିନ୍ନ କଳକାରଖାନା ଓ ସଂସ୍ଥାମାନଙ୍କରୁ ଆଦାୟ କରାଯାଇଥିବା ନେଇ ମଧ୍ୟ ଗୁଞ୍ଜରଣ ଜିଲ୍ଲାରେ ହେଉଛି । ତେବେ ଅନୁଗୋଳ ନିର୍ବାଚନ ମଣ୍ଡଳି ପାଇଁ ମହୋତ୍ସବ ବବଦକୁ ଆସିଥିବା ଅର୍ଥ ସାଙ୍ଗକୁ ଜିଲ୍ଲା ମହୋତ୍ସବ ଅର୍ଥ ଓ ଆଦାୟ ଅର୍ଥ ନିଶ୍ଚିତ ପ୍ରତି ବର୍ଷ ତୁଳନାରେ ଅଧିକ ହୋଇଥିବା ବେଳେ କାର୍ଯ୍ୟକ୍ରମ କାହିଁକି ଏତେ ନିକୃଷ୍ଟ ଧରଣର ହେଲା, ସେ ନେଇ ଜିଲ୍ଲାବାସୀ ସନ୍ଦେହରେ ଅଛନ୍ତି । ଅଣୁ ଏହାର ଏକ ଉଚ୍ଚ ସ୍ତରିୟ ତଦନ୍ତ ହେଲେ ସତ୍ୟାସତ୍ୟ ଲୋକ ଲୋଚନକୁ ଆସି ପାରନ୍ତା ବୋଲି ସାଧାରଣରେ ଦାବି ହେଉଛି ।







Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray